# କୁଡୁମି ସମାଜର ଭାଇଚାରା ପର୍ବ ଗୋଠପୂଜା

କାଳିଆପାଣି,୧।୧୧(ଅସିତ ମହାନ୍ତ)



ଓଡ଼ିଶାରେ ଯେତେ ସମ୍ପ୍ରଦାୟର ଲୋକ ବାସକରନ୍ତି ସେମାନଙ୍କ ମଧ୍ୟରୁ କୁଡୁମି ମହାନ୍ତ ସମ୍ପ୍ରଦାୟଙ୍କ ପୂଜା ପଦ୍ଧତି ନିଆରା। ସେମାନେ ପ୍ରକୃତିର ପୂଜକ ଭାବେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରି ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିବା ବେଳେ ପ୍ରତିଦିନ ଜୀବନ ଜୀବିକାରେ ସହଯୋଗ କରୁଥିବା ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ପୂଜାପଦ୍ଧତିକୁ ପ୍ରଥା ଭାବେ ପାଳନ କରିଆସୁଛନ୍ତି। ସେଥିମଧ୍ୟରୁ ଦୀପାବଳିରେ ଗୋଠ ପୂଜା ଓ ଅଣ୍ଡା ମଡ଼ା ପର୍ବ ପାଳନ ନିଆରା। ସମ୍ପ୍ରଦାୟର ଦୈନନ୍ଦିନ ଜୀବନ ଜୀବିକାରେ ସହଯୋଗ କରୁଥିବା ପଶୁପକ୍ଷୀଙ୍କ ଦୀର୍ଘ ଜୀବନ କାମନା କରି ଏହି ପୂଜାରେ ଭଗବାନଙ୍କୁ ସ୍ମରଣ କରିଥାନ୍ତି। ପୁରାତନ କାଳରୁ ପ୍ରତି ଗ୍ରାମ ଓ ସାହିର ଜଣଙ୍କୁ ଗାଁ ପ୍ରଧାନ ଭାବେ ଚୟନ କରନ୍ତି। ଯିଏକି କୁଡୁମି ସମାଜର ପୂଜକ ଭାବେ କାମ କରିଥାନ୍ତି। ଗୋଠପୂଜା ଦିନ କୁଡୁମୀ ସମାଜ ଗୋମାତାଙ୍କ ଉଦ୍ଦେଶ୍ୟରେ ଗାଁ ମୁଣ୍ଡରେ ଥିବା ଗାଈ ଗୋଠରେ ପୂଜା କରି ଗାଈଙ୍କୁ ଅଣ୍ଡା ମଡ଼ାଇ ଥାଆନ୍ତି। ଗ୍ରାମବସୀ ମିଳିତ ହୋଇ ଦୀପାବଳି ପୂର୍ବ ଦିନ ଅପରାହ୍ନରେ ଗାଈ ଗୋଠକୁ ସଫେଇ କରି ଏକ ପୂଜା ପୀଠ ସ୍ଥଳ ପ୍ରସ୍ତୁତ କରନ୍ତି। ସେଠାରେ ଗୋଠ ପୂଜା କରାଯାଏ। ତା' ସହ ପାରମ୍ପରିକ ବନ୍ଦନା ଗୀତ ଗାଇ ଗୋଠଜାଗନ (ଜଗାଇବା)କାମ କରିଥାନ୍ତି। ଦୀପାବଳି ଦିନ ଗ୍ରାମ ପ୍ରଧାନ (ପୂଜକ) ଉପବାସ ରହି ସନ୍ଧ୍ୟାରେ ଗୋଠ ପୂଜା କରନ୍ତି। ପୂଜକ ପରିବାର ପକ୍ଷରୁ ଜଣେ ମହିଳା ଉପବାସ ରହିବା ସହ ପୂଜା ସ୍ଥଳ କୋଠୀ କରିବାକୁ ଚାଉଳ ଗୁଣ୍ଡ ପ୍ରସ୍ତୁତ କରନ୍ତି।

ଅପରାହ୍ନରେ ଗଉଡ଼ ଘରକୁ ଗାଈ ଆଣିବା ପରେ ନିଜ ନିଜ ଗାଈଙ୍କୁ ନେଇ ଗୋଠକୁ ଗ୍ରାମବାସୀ ଯାଇଥାଆନ୍ତି। ସେଠାରେ ଗାଁ ପ୍ରଧାନ ଗ୍ରାମଦେବତୀଙ୍କଠାରୁ ଆରମ୍ଭ କରି ବଡ଼ ପାହାଡ, ଛୋଟ ପାହାଡ, ବାଘୁ(ବନର ରାଜା ବାଘ ) ବୃକ୍ଷ, ସହ ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରି ଆହ୍ୱାନ କରନ୍ତି। ପୂର୍ବରୁ ଦେବଦେବୀଙ୍କ ଉଦ୍ଦେଶ୍ୟରେ ବଳି ପ୍ରଥା ଚାଲିଥିଲା। ସମୟ କ୍ରମେ ବଳି ପ୍ରଥା ବନ୍ଦ ହେବା ସହ ନଡ଼ିଆ ଭୋଗ କରାଯାଉଛି। ତେବେ ଏବେବି କିଛି ଲୋକ କୁକୁଡ଼ା ବଳି ଦେଉଥିବା ଦେଖିବାକୁ ମିଳିଛି। ଯେଉଁ ସ୍ଥାନରେ କୁକୁଡ଼ା ବଳି ଦେଇଥାନ୍ତି ସେଠାରେ କୁକୁଡ଼ା ମାଂସ ସହ ଚାଉଳ ଗୁଣ୍ଡକୁ ମିଶାଇ ଲେଟ(ବିରିଆନି) ଭୋଗ ଲଗାଇ ଗ୍ରାମର ସମସ୍ତ ଲୋକ ଖାଇଥାଆନ୍ତି। ପରେ ପୂଜକଙ୍କୁ ମାଦଳର ତାଳେତାଳେ ଗୀତ ଓ ନାଚକରି ତାଙ୍କ ଘରେ ପହଞ୍ଚିବା ସହ ଗୋଠରେ ପୂଜା ହୋଇଥିବା ଅଣ୍ଡାକୁ ଯେଉଁ ଗାଈ ମଡ଼ା ପକାଇଥିବ ତା ମାଲିକଙ୍କ ଘରେ ଗାଁର ସବୁଲୋକ ଭୋଜନ କରିଥାନ୍ତି। ପରେ ଗ୍ରାମର ସମସ୍ତ ପରିବାରରୁ ଜଣେ ସଦସ୍ୟ ମିଳିତ ଧିଙ୍ଗୁଆଁନରେ ସାମିଲ ହୁଅନ୍ତି। ଗ୍ରାମ ମୁଣ୍ଡରୁ ଗ୍ରାମଦେବତୀଙ୍କୁ ପ୍ରଣାମ କରି ପ୍ରତି ପରିବାର ଘରକୁ ଯାଇ ଲୋକ ଗୀତ ବନ୍ଦନା ଗାଇ ମନୋରଞ୍ଜନ କରନ୍ତି। ଗାଁର ପ୍ରତି ପରିବାର ମଧ୍ୟରେ ମତାନ୍ତରକୁ ଦୂର କରିଥାନ୍ତି। ଗ୍ରାମର ସମସ୍ତ ପରିବାର ପହଞ୍ଚିବା ପରେ ଗାଁ ଗ୍ରାମଦେବତୀଙ୍କୁ ପ୍ରଣାମ କରି ନିଜ ନିଜ ଘରକୁ ଫେରିଥାଆନ୍ତି।

# ପାଣିକୋଇଲିରେ କାଳୀପୂଜା



ପାଣିକୋଇଲି,୧।୧୧(ବିକାଶ ମଲ୍ଲିକ)

ପାଣିକୋଇଲି ବଜାର କାଳୀ କମିଟି ପକ୍ଷରୁ କାଳୀପୂଜା ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ କଳସବୁଡା ସହିତ ରାତିରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ବଜାର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି ପୂଜାକୁ ପାଳନ କରିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରତିଷ୍ଠାତା ସଦସ୍ୟଙ୍କ ପରଲୋକ

ପାଣିକୋଇଲି,୧।୧୧(ବିକାଶ ମଲ୍ଲିକ)

ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରତିଷ୍ଠାତା ସଦସ୍ୟ ତଥା ମୂଳାପାଳ ନିବସୀ ସନାତନ ସାମଲଙ୍କ ୮୬ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଯାଇଛି। ଲିଙ୍ଗେଶ୍ୱର ଉନ୍ନୟନ କମିଟି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସନାତନଙ୍କ ମୃତ୍ୟୁ



ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଞ୍ଚଳ ଓ ଲିଙ୍ଗେଶ୍ୱର ଉନ୍ନୟନ କମିଟିରେ ଶୋକର ଛାୟା ଖେଳିଯାଇଥିଲା। କମିଟି ପକ୍ଷରୁ ଦାମୋଦର ଧଳ, ବିଷ୍ଣୁ ଧଳ, ଗୋଲେକ ମାଝୀ, ମଦନ ମୋହନ ମାଝୀ, ରମେଶ ସାହୁ, ଶରତ ଧଳ, ସମିତି ସଭ୍ୟ ମଧୁସୂଦନ ନନ୍ଦୀ ପ୍ରମୁଖ କର୍ମକର୍ତ୍ତା ତାଙ୍କ ବାସବଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବୈତରଣୀ ନଦୀପଠା ଗାଁ ଶଶ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପଦ୍ମ ଲୋଚନ ସାମଲ ମୁଖାଗ୍ନୀ ଦେଇଥିଲେ।

# ଜିଲ୍ଲା କେମିଷ୍ଟ, ଡ୍ରଗିଷ୍ଟ ଆସୋସିଏଶନର ସାଙ୍ଗଠନିକ ବୈଠକ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍‌ର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଧର୍ମଶାଳା,୧।୧୧(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧନା ସଭା ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକା ତ୍ରିନାଥ ମନ୍ଦିରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଔଷଧ ବିକ୍ରେତା ଚିତ୍ତରଞ୍ଜନ ଶତପଥୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନୂତନ ଜିଲା ସଭାପତି ଅଜୟ କୁମାର ଦାସ, ସମ୍ପାଦକ ରାଜେଶ୍ କୁମାର ଦାସ ଓ କୋଷାଧ୍ୟକ୍ଷ ଯୁଗଳ କିଶୋର ଅଗ୍ରୱାଲା ଓ ସାମ୍ବାଦିକ ମାନସ ରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଧର୍ମଶାଳା ଓ ବଡ଼ଚଣା ବ୍ଲକର ଔଷଧ ବ୍ୟବସାୟୀମାନେ ଯୋଗଦେଇଥିଲେ। ଔଷଧ ବିକ୍ରେତା କିଶୋର ଚନ୍ଦ୍ର ସାହୁ, ଧୀରେନ୍ଦ୍ର ସାହୁ, ଶରତ ଚନ୍ଦ୍ର ଦାସ, ପ୍ରବୋଧ ଶତପଥୀ, ରବୀନ୍ଦ୍ର ପଣ୍ଡା, ତାପସ ରଞ୍ଜନ ସାହୁ, ନରେନ୍ଦ୍ର କୁମାର ସାହୁ, ଉଲ୍ଲାସ କୁମାର ସାମଲ, ଉତ୍ତମ କୁମାର ମହାନ୍ତି ଓ ଅଂଶୁମାନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫୁଲ୍ଲ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ପ୍ରୀତିପୁର,୧।୧୧(ସୁଶାନ୍ତ ବେହୁରିଆ)

ଦଶରଥପୁର ବ୍ଲକ ଅଧୀନ ଥାଲକୁଡ଼ି ପଞ୍ଚାୟତ ଧନିପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ଏକମାତ୍ର ପୁତ୍ର ସୁଧାଂଶୁ (୩)। ସେ ଘର ନିକଟ ବଳରାମ ସାହୁଙ୍କ ବାଡ଼ିରେ ସାଙ୍ଗ ପିଲାଙ୍କ ସହିତ ଖେଳୁଥିବାବେଳେ ଅସାବଧାନତାଃ ହେତୁ ନିକଟରେ ଥିବା ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜା କରିଥିଲେ ମଧ୍ୟ ଅପୂର୍ବଙ୍କୁ ପାଇ ନ ଥିଲେ। କିଛି ସମୟ ପରେ ପୋଖରୀରେ ଅପୂର୍ବ ପଡ଼ିଥିବା ଦେଖି ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଧନିପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳିତ



ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

ଚଣ୍ଡିଖୋଲ,୧।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ବାଲିଚନ୍ଦ୍ରପୁରଠାରେ ପାଳିତ ହୋଇଯାଇଛି। ବାଲିଚନ୍ଦ୍ରପୁରଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତ ରାୟ, ବରିଷ୍ଠ ନେତା ଫକୀରମୋହନ ବଳ, ସେକ୍ ରିୟାଶତ ଅଲ୍ଲି, ବିଳାସ ଚନ୍ଦ୍ର ବାରିକ, ସେକ୍ ଅବଦୁଲ ମଜିଜ, ବଟକୃଷ୍ଣ ଦାସ, ଅଶୋକ କୁମାର ରାଉତ, ଚାନ୍ଦ ଖାଁ, ମହନି ଚରଣ ମହାନ୍ତି, ସଞ୍ଜୟ କୁମାର କର, ସୁଧୀର କୁମାର ଦାସ ଓ ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରବୀନ୍ଦ୍ର କୁମାର ରାଉତ ରାୟ ଧନ୍ୟବାଦ ଦେଇଥିଲେ।

# ଜାରକାରେ ଶ୍ୟାମାକାଳୀ ପୂଜା

ଧର୍ମଶାଳା,୧।୧୧(ବଟକୃଷ୍ଣ ପରିଡ଼ା)



ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠରେ ମା'ଶ୍ୟାମାକାଳିଙ୍କ ପୂଜା ବହୁ ଅଡ଼ମ୍ବର ସହକାରେ ପାଳନ କରାଯାଉଛି। ଗୁରୁବାର ରାତିରେ ମଣ୍ଡପରେ କଳସ ରଖାଯାଇ ମା'ଙ୍କ ଘଟସ୍ଥାପନ କରାଯାଇ ଯଥାବିଧି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ନିକଟରେ ସୂର୍ଯ୍ୟ ପୂଜା ଓ ଚଣ୍ଡିପାଠ କରାଯାଇଥିଲା। ଶନିବାର ମା'ଙ୍କ ବିଷର୍ଜନ କରାଯିବ। ମା'ଙ୍କ ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରିବା ସହ ଭୋଗ ଓ ଦୀପଦାନ କରୁଛନ୍ତି। ମାଙ୍କ ଏହି ପୂଜା କାର୍ଯ୍ୟକୁ ଜେମାଶୁଣୀ ବଜାର କମିଟି ସଭାପତି ଧରଣୀଧର ପୃଷ୍ଟି, ସମ୍ପାଦକ ସୁଶାନ୍ତ ରାଉତ, କୋଷାଧ୍ୟକ୍ଷ ଗିରିଧାରୀ ବଳଙ୍କ ସେମେତ ସମସ୍ତ ସଦସ୍ୟ ପରଚାଳନା କରୁଛନ୍ତି। ଆସନ୍ତା ୪ ତାରିଖ ସୋମବାର ମା'ଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶୋଭାଯାତ୍ରା

ଯାଜପୁର ଟାଉନ,୧।୧୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)




ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଯାଜପୁର ଜିଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୮ ଅକ୍ଟୋବରରୁ ନଭେମ୍ବର ୩ ପର୍ଯ୍ୟନ୍ତ ଜିଲା ଓ ବ୍ଲକସ୍ତରରେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ଜିଲା ପ୍ରଶାସନ ଓ ଭିଜିଲାନ୍ସ ୟୁନିଟ, ଯାଜପୁର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଏକ ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଏବଂ ଯାଜପୁର ଦୁର୍ନୀତି ନିବାରଣ ବିଭାଗ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଶିଲ କୁମାର ଏକ୍କା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି କିଆନାଳିଛକ, ରେଡକ୍ରସଛକ, ମେଡିକାଲଛକ, ଗାନ୍ଧୀଛକ ଦେଇ ଜିଲା ସ୍କୁଲ୍ ପର୍ଯ୍ୟନ୍ତ ଯାଇଥିଲା। ପରେ ମିଶନ ଶକ୍ତି ଭବନଠାରୁ ମିଶନ ଶକ୍ତିର ମହିଳାମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଗାନ୍ଧୀଛକ ଓ ମେଡିକାଲଛକ ଦେଇ ମିଶନ ଶକ୍ତି ଭବନ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଲାଞ୍ଚ ନେବାନି ଲାଞ୍ଚ ଦେବାନି, ଅପରାଧରେ ଭାଗ ନେବାନି, ଦୁର୍ନୀତି ହଟିଲେ ଦେଶ ହସିବ, ଦେଶର ପ୍ରଗତି ବାଟ ଫିଟିବ ଆଦି ଦୁର୍ନୀତି ବିରୋଧରେ ସ୍ଲୋଗାନ ଦେଇ ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଭାଗୀୟ ଅଧିକାରୀ, ମିଶନ ଶକ୍ତି ଡିପିସି ସୀତାଂଶୁ ଶେଖର ପାଢ଼ୀ, ଜିଲା ସ୍କୁଲର ବରିଷ୍ଠ ଶିକ୍ଷକ ଜୟୀରୁଦ୍ଦିନ୍ ଖାଁ, ଜିଲା ସ୍କୁଲ୍ ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ, ଆରକ୍ଷୀ ବାହିନୀ, ଗଣମାଧ୍ୟମ ପ୍ରତିନିଧି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବସ୍ତା, ୧।୧୧(ହରିଶଙ୍କର ପାଢୀ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବାସୁ ଚକୁରାଇ ଗାଁର ଚୈତନ୍ୟ ମାଝି (୪୫ ) ଗୁରୁବାର ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ବୁଡି ଯାଇ ପ୍ରାଣ ହରାଇଛନ୍ତି। ଚୈତନ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବସ୍ତା ପୋଲିସ ମାମଲା(ନଂ.୪୧/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# 'ଜିରୋ କାଜୁଆଲ୍‌ଟି'କୁ ନେଇ ବିଜୟଙ୍କ କଟାକ୍ଷ

କାଏମା,୧।୧୧(ଶିବପ୍ରସାଦ ମହାନ୍ତି)

ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର 'ଜିରୋ କାଜୁଆଲ୍‌ଟି' ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ କଟାକ୍ଷ କରିଛନ୍ତି। ଯାଜପୁର ଜିଲା ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦଠାରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଶ୍ରାଦ୍ଧବାର୍ଷିକୀ ସଭାରେ ଯୋଗଦେଇ ବିଜୟ କହିଛନ୍ତି, ସରକାରଙ୍କ ମଧ୍ୟରେ ଜିରୋ କାଜୁଆଲିଟିକୁ ନେଇ ପ୍ରତିଯୋଗିତା ଚାଲିଛି। ଲୋକଙ୍କୁ କେଉଁ ଭଳି ଭାବେ ସାହଯ୍ୟ କରାଯିବ ତାହା ଚିନ୍ତା କରିବା ବଦଳରେ ସରକାର ମିଛ କହି ବାହାବା ନେଉଛନ୍ତି। ବାତ୍ୟା 'ଦାନା' ପ୍ରଭାବରେ କେନ୍ଦୁଝର ଓ ଆଳିରେ ୨ ଜଣଙ୍କ ମୃତ୍ୟୁହୋଇଥିବା ବେଳେ ସରକାର ମିଛ କହି ଲୋକ ହସା ହେଉଛନ୍ତି। ଆଗାମୀ ପିଢ଼ିଙ୍କ ପାଇଁ ଏହା ଅଶୁଭ ସଂକେତ ବୋଲି ସେ କହିଛନ୍ତି।



ପାଣିକୋଇଲି ବିଶ୍ୱାସ ପରିବାର ସଂଗଠନ ପକ୍ଷରୁ ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାରରେ ଅସହାୟ ପିଲାମାନଙ୍କ ସହ ଦୀପାବଳି ପାଳନ।

# କଞ୍ଚାମାଲ ଅଭାବରୁ ଫେରୋକ୍ରୋମ୍ ପ୍ଲାଣ୍ଟ ଫର୍ନେସ ବନ୍ଦ

ଯାଜପୁର/ଯାଜପୁର ରୋଡ, ୧।୧୧
(ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି)




ଫେରୋକ୍ରୋମ ପ୍ଲାଣ୍ଟ।

ଓଡ଼ିଶା ଖଣି ନିଗମ ପରିଚାଳିତ ଯାଜପୁର ରୋଡ୍‌ସ୍ଥିତ ଫେରୋକ୍ରୋମ୍ ପ୍ଲାଣ୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। କଞ୍ଚାମାଲ କୋକ୍ ଅଭାବରୁ କାରଖାନାର ଦୁଇଟିଯାକ ଫର୍ନେସ ଗତ ମଙ୍ଗଳବାରଠାରୁ ବନ୍ଦ ହୋଇଯାଇଛି। ପୂର୍ବରୁ ୨୦୨୨ ଡିସେମ୍ବରଠାରୁ ବନ୍ଦ ରହିଥିବା ଏହି କାରଖାନା ୮ ଜୁନ ୨୦୨୩ରେ ଖଣି ନିଗମ ଅଧୀନକୁ ଯାଇଥିଲା। ଦୀର୍ଘ ପ୍ରତୀକ୍ଷା ପରେ ଗତ ୨୦୨୩ ଡିସେମ୍ବର ୧୮ରେ କାରଖାନାରୁ ପୁନଶ୍ଚ ଉତ୍ପାଦନ ଆରମ୍ଭ ହୋଇଥିଲା। ମାତ୍ର ଉତ୍ପାଦନର ୧୦ ମାସ ନ ଯାଉଣୁ ଏବେ କାରଖାନାରେ ପୂର୍ବ ଅଚଳାବସ୍ଥା ଦେଖିବାକୁ ମିଳିଛି। କଞ୍ଚାମାଲ ଅଭାବ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଉତ୍ପାଦନ ପାଇଁ କୋକ ନିହାତି ଆବଶ୍ୟକ ହେଉଥିବା ବେଳେ କାରଖାନାରେ ତାହାକୁ ମହଜୁଦ ରଖାଯାଉନାହିଁ। ଏପରିକି କେତେବେଳେ କାର୍ବନ ପେଷ୍ଟ ପାଇଁ ତ କେତେବେଳେ କ୍ରୋମାଇଟ ଅଭାବ ପାଇଁ କାରଖାନାରେ ବିଭିନ୍ନ ସମୟରେ ସମସ୍ୟା ଦେଖିବାକୁ ମିଳୁଛି। କାରଖାନାରେ ମେଟ୍ରୋଲୋଜି ଯନ୍ତ୍ରୀ ରହିବା ଆବଶ୍ୟକ ହୋଇଥିଲେ ମଧ୍ୟ ତାହା ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ପରିଚାଳନା କରାଯାଉଛି। ସେହିପରି କାରଖାନା ଫାଟକରେ କୌଣସି କଟକଣା ନ ଥିବାରୁ କିଏ କେତେବେଳେ ଡ୍ୟୁଟିକୁ ଆସୁଛି ତ କିଏ ବାହାରକୁ ଯାଉଛି ସେଥିରେ ମଧ୍ୟ ନିୟନ୍ତ୍ରଣ ରହୁନାହିଁ। ଫଳରେ କେତେଜଣ କର୍ମଚାରୀ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି। କାରଖାନା ଫର୍ନେସରେ ପ୍ରାୟ ଦୁଇ ଶହ ଠିକା କର୍ମଚାରୀ କାମ କରୁଥିବାବେଳେ ଏବେ ଫର୍ନେସ ବନ୍ଦ କାରଣରୁ ସେମାନେ କାମ ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ଯାଜପୁର ଜିଲାର ପୁରାତନ ଏହି ହାଇକାର୍ବନ ଫେରୋକ୍ରୋମ କାରଖାନା ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ମାତ୍ର ଏହି ଫର୍ନେସ ପରିଚାଳନାଗତ ତ୍ରୁଟି ପାଇଁ ନିଜ ଗୌରବ ହରାଇବାକୁ ବସିଛି । ରାଜ୍ୟ ସରକାର କାରଖାନା ପରିଚାଳନାରେ ହସ୍ତକ୍ଷେପ କରି ଏହାର ବର୍ତ୍ତମାନ ଓ ଭବିଷ୍ୟତକୁ ସୁନିଶ୍ଚିତ କରିବା ଆବଶ୍ୟକ ହୋଇପଡିଛି । ଏନେଇ ଉତ୍ପାଦନ ଦାୟିତ୍ୱରେ ଥିବା ପ୍ଲାଣ୍ଟ ସହାୟକ ପରିଚାଳକ (ମେକାନିକାଲ) ରଶ୍ମିରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରେ କୋକର ଅଭାବ ଥିବାରୁ ଉତ୍ପାଦନ ୨ ଦିନ ହେବ ବନ୍ଦ ରହିଛି। କୋକ ସପ୍ଲାୟ ପାଇଁ ନୂଆ ଟେଣ୍ଡର କରାଯାଇଛି। ଟେଣ୍ଡରରେ ଏକରୁ ଅଧିକ ଟ୍ରେଡର ଭାଗନେଉ ନ ଥିବାରୁ ନିଷ୍ପତ୍ତିରେ ବିଳମ୍ବ ଘଟୁଛି । ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### କେନାଲରୁ ଗଳିତ ମୃତଦେହ ଜବତ

କୁଜଙ୍ଗ,୧।୧୧(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ବଡ଼ପାଳ ନିକଟସ୍ଥ ତାଳଦଣ୍ଡା କେନାଲରୁ ଏକ ଗଳିତ ମୃତଦେହ କୁଜଙ୍ଗ ପୋଲିସ ଜବତ କରିଛି। ମୃତଦେହଟି ପଚିଶଡ଼ି ଯାଇଥିବାରୁ ତାଙ୍କ ପରିଚୟ ମିଳିପାରି ନାହିଁ। ମୃତକଙ୍କ ଶରୀରରେ କୌଣସି ବସ୍ତ୍ର ନ ଥିବା ବେଳେ କିଛି କ୍ଷତଚିହ୍ନ ଦେଖିବାକୁ ମିଳିଛି। ଏ ନେଇ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲରେ ମୃତଦେହ ସଂରକ୍ଷିତ ରଖାଯାଇଛି। ଗୁରୁବାର ଅପରାହ୍ନ ସମୟରେ ତାଳଦଣ୍ଡା କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତଦେହଟି କେଉଁଠୁ ଓ କିପରି ଭାସିଆସିଛି ସେ ସମ୍ପର୍କରେ ଅଧିକ ସୂଚନା ମିଳିପାରିନାହିଁ।

### ଡେରାବିଶରେ ନୂତନ ବିଡିଓଙ୍କ ଯୋଗଦାନ



ଡେରାବିଶ, ୧।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ନୂତନ ବିଡିଓ ଭାବେ ନମିତା ବାରିକ ଶୁକ୍ରବାର ଯୋଗଦାନ କରିଛନ୍ତି। ଏଠାରେ ବିଡିଓ ଭାବେ କାର୍ଯ୍ୟରତ ଥିବା ଦାଶରଥି ଜେନାଙ୍କ ଅକ୍ଟୋବରରେ ଜଗତ୍‌ସିଂପୁର ଜିଲାର ଏରସମା ବ୍ଲକକୁ ବଦଳି ହେବା ପରେ ଏହି ପଦ ଖାଲି ପଡ଼ିଥିଲା। ଏବିଡିଓ ଅନିରୁଦ୍ଧ ବେହେରା ଭାରପ୍ରାପ୍ତ ବିଡିଓ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ସୂଚନାଯୋଗ୍ୟ, ବାରିକ ୨୦୨୧ ଜୁନରୁ ଏହି ବ୍ଲକର ବିଡିଓ ଭାବେ ଦାତିତ୍ୱଭାର ଗ୍ରହଣ କରିବା ସହ ୨୦୨୨ ଜୁନ ୧ରେ ତାଙ୍କର ଯାଜପୁର ଜିଲା ବଦଳି ହୋଇଥିଲା। ବିଡିଓ ଦାୟିତ୍ୱ ପୁନଃ ଗ୍ରହଣ କରିବା ପରେ ବ୍ଲକ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି।

# ଶୁଦ୍ଧତା, ସ୍ୱଚ୍ଛତା ପାଇଁ ମତ୍ସ୍ୟ ବିଭାଗର ତତ୍ପରତା

ପାରାଦୀପ,୧।୧୧(ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦର ପରିସରରେ ଏବେ ସ୍ୱଚ୍ଛତା ଓ ଶୁଦ୍ଧତା ପାଇଁ ମତ୍ସ୍ୟ ବିଭାଗ,ଏମ୍‌ପିଇଡିଏ(ମେରାଇନ ପ୍ରଡକ୍ଟ ଏକ୍ସପର୍ଟ ଡେଭଲପମେଣ୍ଟ ଅଥରିଟି) ନେଟ୍‌ଫିଶ ଆଦି ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଶୁକ୍ରବାର ଉକ୍ତ ୩ ବିଭାଗର କର୍ମଚାରୀମାନେ ମାଛଧରା ବନ୍ଦର ପରିସରରେ ଥିବା ଅକ୍ସନ ହଲ ମରାମତି କରିବା ସହ ନବୀକରଣ, ନୂତନ ଅକ୍ସନ ହଲ କାମ ଆଦି ବୁଲି ଦେଖିଛନ୍ତି। ଆସନ୍ତା ସପ୍ତାହ ମଧ୍ୟରେ ସ୍ୱଚ୍ଛତା କାମ ଶେଷ କରିବା ପାଇଁ ଠିକାସଂସ୍ଥାର କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ପାଣି ନିଷ୍କାସନ ବ୍ୟବସ୍ଥା, ମାଛ ଯେପରି ଆସି ଅକ୍ସନ ହଲ୍ ମଧ୍ୟରେ ଗଦେଇ ଦିଆଯାଉଛି ତା'ର ଶୁଦ୍ଧତା ବ୍ୟବସ୍ଥା, ମାଛ ପେଟି, ବରଫ ଆଦି ସେମାନେ ଯାଞ୍ଚ କରିଛନ୍ତି। ଚଳିତ ମାସ ୟୁରୋପୀୟ ଟିମ୍ ଓଡ଼ିଶା ଆସିବାର ସମ୍ଭାବନା ଥିବାରୁ ଏହି ତତ୍ପରତା ଦେଖିବାକୁ ମିଳିଛି। ଉକ୍ତ ବିଦେଶୀ ୟୁରୋପୀୟ ଟିମ୍ ଯେପରି ଆମର ଅପରିଷ୍କାର ଅବସ୍ଥା ନ ଦେଖନ୍ତୁ ସେପରି କରିବା ପାଇଁ ଆମେ




ମାଛଧରା ବନ୍ଦରରେ ବିଭାଗୀୟ ଅଧିକାରୀମାନେ ସ୍ୱଚ୍ଛତା ଯାଞ୍ଚ କରୁଛନ୍ତି।

## ଚଳିତ ମାସରେ ଓଡ଼ିଶା ଆସିବ ୟୁରୋପୀୟ ଟିମ୍

ଯାଞ୍ଚ କରୁଛୁ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କୁମାର କର କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ସମେତ ଓଡ଼ିଶାର ସମସ୍ତ ସାମୁଦ୍ରିକ ମାଛ ମଧ୍ୟରୁ ଅଧିକାଂଶ ମାଛ ବିଦେଶକୁ ରପ୍ତାନି ହୋଇଥାଏ। ଯେଉଁ ୟୁରୋପୀୟ ଦେଶଗୁଡ଼ିକ ଏହି ମାଛ ଆମଦାନୀ କରିଥାନ୍ତି ସେମାନଙ୍କ ପାଇଁ ଅନେକ ନିୟମ ରହିଛି। ଯଥା ସେହି ଦେଶର ଖାଦ୍ୟ ନିୟାମକ ସଂସ୍ଥା ସବିଶେଷ ଯାଞ୍ଚ କରି ରିପୋର୍ଟ ଦେବା ପରେ ଯାଇ ରପ୍ତାନି ହୋଇଥାଏ। ସେହି ଟିମ୍ ପ୍ରତି ଦୁଇ-ତିନି ବର୍ଷ ବ୍ୟବଧାନରେ ଭାରତ ଆସିଥାନ୍ତି। ଚଳିତବର୍ଷ ନଭେମ୍ବର ୧୧ରୁ ୨୮ ତାରିଖ ମଧ୍ୟରେ ଓଡ଼ିଶାର ଦୁଇଟି ମାଛଧରା ବନ୍ଦରକୁ ଉକ୍ତ ଟିମ୍ ଆସିବାର ସୂଚନା ରହିଛି। ସେଗୁଡ଼ିକ ହେଲା ପାରାଦୀପ ଓ ଧାମରା। ସେମାନେ ଆସିବା ପୂର୍ବରୁ ହାଇଜେନିକ୍ ପରିବେଶ ରଖିବାକୁ ପଡ଼ିବ ବୋଲି କର କହିଥିଲେ। ଆମର ମତ୍ସ୍ୟଜୀବୀମାନେ ପ୍ରାୟତଃ ସେହି ପୁରୁଣା ମାଛପେଟି ବ୍ୟବହାର କରିଥାନ୍ତି। ମାଛ ପ୍ରକ୍ରିୟାକରଣ ସମୟରେ ଖାଲି ହାତରେ କାରବାର କରିଥାନ୍ତି। ପୋଷାକ ପରିଚ୍ଛନ୍ନ ମଧ୍ୟ ସେପରି ଭଲ ନୁହେଁ। ଏପରି ସ୍ଥିତିରେ ୟୁରୋପୀୟ ଟିମ୍ ଗସ୍ତ ପୂର୍ବରୁ କିପରି ସ୍ୱଚ୍ଛତା ଆଣିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ରପ୍ତାନି ଅନୁପଯୁକ୍ତ ମାଛକୁ ଫର୍ମାଲିନ ନାମକ କେମିକାଲ ମିଶାଇ ଶୁଖୁଆ କରାଯାଉଛି। ସେସବୁ ଘଟଣାକୁ ନେଇ ମତ୍ସ୍ୟଜୀବୀ ସଂଘ ଏବେ ଚିନ୍ତାରେ। ୟୁରୋପୀୟ ଟିମ୍ ଯଦି ସକାରାତ୍ମକ ରିପୋର୍ଟ ଦେବ ପାରାଦୀପରୁ ଉତ୍ପାଦନ ହେଉଥିବା ମାଛର ମୂଲ୍ୟ ବୃଦ୍ଧି ହେବ। ସେହି ରିପୋର୍ଟ ଆଧାରରେ ବୈଦେଶିକ ଅର୍ଥ ମିଳିବ। ସେଥିପାଇଁ ଆମେ ଉତ୍ସୁକ ଅଛୁ ବୋଲି ମତ୍ସ୍ୟଜୀବୀ ସଂଘ 'ଓମ୍ପା' ସଭାପତି ଶ୍ରୀକାନ୍ତ ପରିଡ଼ା କହିଛନ୍ତି।

# ସର୍ଦ୍ଦାର ବଲ୍ଲଭଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ନାଉଗାଁ,୧।୧୧ (ସୁଧା ବେହୁରା)

### ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆର୍ମି ୱିଙ୍ଗ ଓଡ଼ିଆ ବାଟାଲିୟନ କମାଣ୍ଡିଂ ନିର୍ଦ୍ଦେଶରେ ଜାତୀୟ ସମର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଏନ୍‌ସିସି ଅଫିସର ଅମୂଲ୍ୟ କୁମାର ମିଶ୍ର କ୍ୟାଡେଟ୍‌ମାନଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥପାଠ କରାଇଥିଲେ। ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦୃଢ଼ ସଂକଳ୍ପବଦ୍ଧ ଥିଲେ। ଦେଶର ଏକତା ପାଇଁ ସେ ସମର୍ପିତ ହୋଇ ଦେଶର ଏକତା ଓ ଅଖଣ୍ଡତା ପାଇଁ ମୂଳଦୁଆ ସ୍ଥାପନ କରିବା ସହ ଦେଶରେ ରାଜ୍ୟଗୁଡ଼ିକୁ ସମ୍ମିଶ୍ରଣରେ ମୁଖ୍ୟ ଭୂମିକା ନେଇଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ମିଶ୍ର ଆହ୍ୱାନ ଦେଇଥିଲେ। ଏଥିରେ ସାଇସୌମ୍ୟ ଦାସ, ଶୁଭ୍ରାଂଶୁ ମହାନ୍ତି, ମୈତ୍ରୀ ସାହୁ, ସାଇ ଶ୍ରୀମାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଏନ୍‌ସିସି କ୍ୟାଡେଟମାନେ ରାଲି ଓ ସ୍ଲୋଗାନ ଦେଇ ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲେ।

# କେନାଲକୁ ଡାଲା ଅଟୋ ଓଲଟିଲା: ଚାଳକ ମୃତ

କଟକ ସଦର,୧।୧୧(ସୁଶାନ୍ତ କୁମାର ଜେନା)

କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲ ବନ୍ଧର ଅଥଙ୍ଗା ନିକଟରେ ଶୁକ୍ରବାର ଏକ ଚୋକଡ଼ ବୋଝେଇ ଡାଲା ଅଟୋ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡ଼ିଛି। ଫଳରେ ଚାଳକ ଜଣଙ୍କ ପାଣିରେ ବୁଡ଼ିଯାଇ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ହାଜିପୁର ଗ୍ରାମର ରଶ୍ମିରଞ୍ଜନ ଓଝା(୪୨)। ସେ ଏକ ଡାଲାଅଟୋ(ନଂ.ଓଡି୦୫ବିଇ-୩୯୫୧)ରେ କଟକରୁ ଚୋକଡ ନେଇ କେନାଲ ବନ୍ଧରେ ଘରକୁ ଫେରୁଥିଲେ। ଅଥଙ୍ଗା ନିକଟରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିଥିଲା। ଫଳରେ ଚାଳକ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ରଶ୍ମିରଞ୍ଜନଙ୍କୁ ପାଣିରୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଣିରେ ବୁଡ଼ିଯାଇଥିବା ଅଟୋକୁ ଉଦ୍ଧାର ପାଇଁ କଟକରୁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ମୃଦୁ ଉତ୍ତେଜନା ପ୍ରକାଶ ପାଇଥିଲା। ମାଛଗାଁ କେନାଲ ବନ୍ଧ ରାସ୍ତାର ଅଥଙ୍ଗା-ବିରିବାଟୀ ମଧ୍ୟରେ ଅଧିକାଂଶ ସ୍ଥାନରେ ଖାଲ ସୃଷ୍ଟି ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କନ୍ଦରପୁର ପୋଲିସ ପକ୍ଷରୁ କଟକସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ଅବଗତ କରାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମଙ୍ଗଳାବାଗ ପୋଲିସ ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଏକତା ପାଇଁ ଶପଥ ପାଠ କଲେ କର୍ମଚାରୀ



ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ଜଗତ୍‌ସିଂହପୁର, ୧।୧୧
(ପ୍ରମୋଦ କୁମାର ନାୟକ)

ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜଗତ୍‌ସିଂହପୁରରେ ଜିଲାସ୍ତରୀୟ ଏକତା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ଉପଜିଲାପାଳ ପ୍ରଶାନ୍ତ

### ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ

କୁମାର ତରାଇ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏକତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଶପଥ ପାଠ କରାଇଥିଲେ। ସେ କହିଥିଲେ, ଦେଶର ଏକତାକୁ ଅକ୍ଷୂର୍ଣ୍ଣ ରଖିବା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ଦୂରଦୃଷ୍ଟି ବଳରେ ଦେଶରେ ଏକତା ସମ୍ଭବ ହୋଇପାରିଥିଲା। ତେଣୁ ଏହି ଭାବନାକୁ ବଜାୟ ରଖିବାକୁ ହେଲେ ନିଜକୁ ସମର୍ପିତ ମନୋଭାବ ନେଇ କର୍ତ୍ତବ୍ୟ କରିବାକୁ ଉପଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ତଥା ଏକତା ଓ ଅଖଣ୍ଡତାର ବଜାୟ ରଖିବା ନିମନ୍ତେ ପ୍ରତ୍ୟେକେ ସଂକଳ୍ପ ନେଇଥିଲେ। ଏହି ଶପଥପାଠ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ସେଠୀ, ଜିଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶଶାଙ୍କ ଶେଖର ଲେଙ୍କା ଓ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନାଉଗାଁରେ ନୂତନ ତହସିଲଦାରଙ୍କ ଯୋଗଦାନ

ନାଉଗାଁ,୧।୧୧(ସୁଧାବ ବେହୁରା)

ନାଉଗାଁ ତହସିଲରେ ଶୁକ୍ରବାର ନୂତନ ତହସିଲଦାର ଭାବେ ଅକ୍ଷୟ କୁମାର ବଡୁ ଯୋଗ ଦେଇଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ତହସିଲଦାର ସୁବାଶିଷ ପରିଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଅତିରିକ୍ତ ତହସିଲଦାର ଶରତ ପରିଡା, ମୁଖ୍ୟ କିରାଣି ଅଶୋକ ସାହୁ, ବରିଷ୍ଠ ସହାୟକ ଅଭିରାମ ରାଉତରାୟ, ସରୋଜ ସାହୁ, ପ୍ରଭାସ ଦଳାଇ, ଡିଇଓ ନରେନ୍ଦ୍ର ଚଇନିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଉକ୍ତ ବ୍ଲକର ଜନସାଧାରଣଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବେ ବୋଲି ନୂତନ ତହସିଲଦାର ବଡୁ ମତବ୍ୟକ୍ତ କରିଛନ୍ତି। ବଡୁ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମରେ ସହ କମିଶନର ଭାବେ କାର୍ଯ୍ୟ କରୁଥିଲେ।



# ବାଣ ନ ଫୁଟାଇ ରାସ୍ତା ମରାମତି କଲେ

ପଞ୍ଚାମୁଣ୍ଡାଇ, ୧।୧୧
(କଳ୍ପତରୁ ନାୟକ)

### ହାଟପାଟଣା ଗ୍ରାମବାସୀଙ୍କ ନିଆରା ଦୀପାବଳି

ପଞ୍ଚାମୁଣ୍ଡାଇ ନିକଟସ୍ଥ ହାଟପାଟଣା ଗ୍ରାମବାସୀ ପବିତ୍ର ଦୀପାବଳି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ଆହ୍ୱାନ ଭାବେ ଦେଖାଦେଇଥିବାରୁ ଏହାକୁ ରୋକିବା ସହ ସମାଜକୁ ଭିନ୍ନ ବାର୍ତ୍ତା ଦେବା ପାଇଁ ହାଟପାଟଣା ଗ୍ରାମବାସୀ ନିଆରା ପ୍ରୟାସ କରିଥିଲେ।



ଦୀପାବଳିରେ ବାଣ ନ ଫୁଟାଇ ସେଇ ଅର୍ଥରେ ଗୋଡ଼ି ସିମେଣ୍ଟ କିଣି ଗ୍ରାମବାସୀ ନିଜ ଗାଁ ରାସ୍ତା ମରାମତି କରିବା ପାଇଁ ଏକାଠି ହୋଇଥିଲେ। ସମସ୍ତଙ୍କ ଶ୍ରମ ଦାନରେ ଗାଁ ରାସ୍ତା ମରାମତି ହୋଇପାରିଛି। ଦୀପାବଳିରେ ଏଭଳି ନିଆରା ପ୍ରୟାସ ଓ ଅନନ୍ୟ ଉଦାହରଣ ସବୁ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଗାଁ ରାସ୍ତା ମରାମତି ପାଇଁ ସରକାର ଓ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ସତ୍ତ୍ୱେ ନ ହୋଇପାରିବାରୁ ଗ୍ରାମବାସୀ ଏକ ହୋଇ ଏଭଳି ଅଭିନବ ପ୍ରୟାସ କରିଛନ୍ତି।

# ଲକ୍ଷପତି ଦିଦି ପ୍ରଶିକ୍ଷଣ ଶିବିର

ଜଗତ୍‌ସିଂହପୁର, ୧।୧୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ରମ୍ଭାଦେଈପୁର ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ଉପରେ ଗୁରୁତ୍ୱାରୋପ କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଡିଓ ଆଶୁତୋଷ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିପିଏମ୍ ପ୍ରତାପରୁଦ୍ର ନନ୍ଦ, ଓଡ଼ିଶା ଜୀବିକା ମିଶନ (ଶକ୍ତି)ର ରବି ରଞ୍ଜନ ବରାଳ, ସରପଞ୍ଚ ଅଞ୍ଜଳି ସାମଲ, ସମିତିସଭ୍ୟ କୈଳାସ ମଲ୍ଲିକ, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଏମ୍‌ବିକେ ଜୟସ୍ମିତା ବେହେରା, ସଭାନେତ୍ରୀ ନମିତା ମିଶ୍ର, ସମସ୍ତ ସିଆରପି, ବ୍ୟାଙ୍କ ମିତ୍ର ପ୍ରମୁଖ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ମା' ଭଉଣୀମାନେ ସିଆଇଏଫ୍ ଓ ବ୍ୟାଙ୍କ ଋଣ ଆଦି ନେଇ ନିଜେ ଆତ୍ମନିର୍ଭରଶୀଳ ହେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଶେଷରେ ଲକ୍ଷପତି ଦିଦିମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସବୁ ଯୁଗରେ ରହିଛି କବିତା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଜଙ୍ଗ,୧।୧୧ (ମନୋଜ ପ୍ରଧାନ)

ବିଶ୍ୱ କଲ୍ୟାଣ ପାଇଁ କବିତା ଉଦ୍ଦିଷ୍ଟ। ମାନବର ଆବେଗ, ଉଦ୍‌ବେଗ,ବ୍ୟଥା ଓ ବେଦନା ବୋଧକୁ ବହନକରି କବିତା ଆନନ୍ଦର ସନ୍ଧାନ ଦେଇଥାଏ ବୋଲି 'ମେଘମହ୍ଲାର' ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ମତପ୍ରକାଶ ପାଇଛି। କରତୁଠାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ସାହିତ୍ୟ, ସଂସ୍କୃତି, ସାମାଜିକ ସେବା ସଙ୍ଗଠନ 'ମେଘମହ୍ଲାର' ସଭାପତି ଡ.କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଅକ୍ଷୟ କୁମାର ରାଉତ ଯୋଗଦେଇ ଜୀବଜଗତର ରହସ୍ୟ ଭେଦକରି କବିତା ସମାଜର ସହଯାତ୍ରୀ ପରି ସବୁ ଯୁଗରେ ରହିଆସିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ କବିତା ପୃଥିବୀର ଏକମାତ୍ର ଶକ୍ତିଶାଳୀ ମନୋରମ ଅସ୍ତ୍ର, କାମନାକୁ ବିନାଶ କରିବ ବୋଲି କହିଥିଲେ। ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ପଣ୍ଡିତ ବାସବ କୁମାର ନନ୍ଦ, କବି ପ୍ରକାଶ ଚନ୍ଦ୍ର ଦାଶ, ବାବୁରାମ ଚୌଧୁରୀ, ମୈନାକ ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ, ରବୀନ୍ଦ୍ର ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କବିତାର ନାନାଦିଗ ଉପରେ ଆଲୋକପାତ କରିଥିଲେ। କବି ଜୟନ୍ତୀ ଦାଶ, ପ୍ରଭାତୀ ମାଝିଙ୍କ ସଂଯୋଜନାରେ ଗୌରହରି ବାରିକ, ରବୀନ୍ଦ୍ର ଦାସ, ନିରୁପମା ପାଣି, ଜୟୀରାମ ସାହାଣୀ, ହୃଷୀକେଶ ଦାସ, ରମେଶ କୁମାର ବେହେରା, ଗୀତା ଦାସ, ମମତା ସାହୁ, ସର୍ବେଶ୍ୱର ସେଠୀ, ଶୁଭେନ୍ଦୁ ଚୌଧୁରୀ, ମାନଗୋବିନ୍ଦ ପ୍ରଧାନ,ଅର୍ପିତା ବାରିକ, ଚନ୍ଦ୍ରକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ବିଜୟ କୁମାର ଖଟେଇ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସମ୍ପାଦିକା କବି ପ୍ରଭାତୀ ମାଝି ୩ ତାରିଖରେ ପାରାଦୀପଠାରେ 'ମେଘ ମହ୍ଲାର' ପକ୍ଷରୁ କବିତାପାଠ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ସମ୍ପର୍କରେ ସୂଚନା ଦେଇଥିଲେ। ସୌଭାଗିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳଉତ୍ସ ପ୍ରଦୂଷଣ ବଢୁଛି

କେନ୍ଦ୍ରାପଡ଼ା,୧।୧୧ (ଜଗନ୍ନାଥ ଧଳ)

ରାଜ୍ୟର ଅଧିକାଂଶ ଜଳଉତ୍ସ ପ୍ରଦୂଷିତ। ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ଉପଯୋଗୀ ନୁହେଁ। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଏପରି ରିପୋର୍ଟ ପ୍ରଦାନ କରାଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲା ଅଛି। ଜିଲାରେ ପ୍ରବାହିତ ମହାନଦୀ, ବାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଓ ୨୭ ନାଳ ବିଭିନ୍ନ କାରଣରୁ ପ୍ରଦୂଷିତ ହୋଇଛି। ସେହିପରି ଗରଦପୁର ବ୍ଲକ ଅଞ୍ଚଳରେ ଭୂଗର୍ଭ ଜଳ ଦ୍ରୁତଗତିରେ ହ୍ରାସ ପାଇଥିବା ନେଇ ରାଜ୍ୟ ଭୂତଳ ଜଳ ବିଶେଷଜ୍ଞ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ କେନ୍ଦ୍ର ସରକାର ଚିହ୍ନଟ କରି ୨୦୧୯ରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନ ଏବେ କାଗଜପତ୍ରରେ ସୀମିତ ରହିଛି। ଜଳଉତ୍ସ ପ୍ରଦୂଷଣ ରୋକିବାକୁ କାର୍ତ୍ତିକ ପୂର୍ଣ୍ଣିମାକୁ ରାଜ୍ୟ ସରକାର ଜଳ ଉତ୍ସ ସଂରକ୍ଷଣ ଦିବସ ଘୋଷଣା କରନ୍ତୁ ବୋଲି ଜିଲା ଜନ ସୁରକ୍ଷା ମଞ୍ଚ ଦାବି କରିଛି। ଏହାକୁ ଜିଲାର ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

ଏ ସମ୍ପର୍କରେ ମଞ୍ଚର ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଜଳ ହିଁ ଜୀବନ। ଏହାର ସୁରକ୍ଷା ଆବଶ୍ୟକ। ହିନ୍ଦୁ ସଂସ୍କୃତିରେ ସାଧାରଣ ଚଳଣିଠାରୁ ପୂଜା ପାର୍ବଣରେ ଜଳର ଗୁରୁତ୍ୱ ଅଧିକ। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଜଳ ଉତ୍ସର ପରିସମାପ୍ତି ଘଟାଉଛି। ପୂର୍ବରୁ ଥିବା ଜଳପଥ ଓ ଜଳଉତ୍ସକୁ ପୋତାଯାଇ ଏବେ ଗୃହ ନିର୍ମାଣ ହେଉଛି। ସେହିପରି ପୂଜା ପାର୍ବଣରେ ମୂର୍ତ୍ତି ଓ ଅନ୍ୟ ପୂଜା ସାମଗ୍ରୀ ଜଳ ଉତ୍ସକୁ ପ୍ରଦୂଷିତ କରୁଛି। ଏହାବ୍ୟତୀତ ଅତ୍ୟାଧୁନିକ ଜୀବନ ଯାପନ ପାଇଁ ଦ୍ରୁତ ଶିଳ୍ପାୟନ ଯୋଗୁ ବର୍ଜ୍ୟବସ୍ତୁ ଜଳ ଉତ୍ସକୁ ନଷ୍ଟ କରୁଛି। ସହରରେ ଥିବା ୨୪ଟି ବଡ଼ ପୋଖରୀ ମଧ୍ୟରୁ ପ୍ରାୟ ୧୮ଟି ଏବେ ପୋତି ଦିଆଯାଇଛି। ଆଗାମୀ କାର୍ତ୍ତିକ ପୂର୍ଣ୍ଣିମାରେ ବହୁ ପ୍ରଚଳିତ ଡଙ୍ଗାଭସା କାର୍ଯ୍ୟକ୍ରମ ପାଇଁ ଜଳ ଉତ୍ସ ଦେଖିବାକୁ ମିଳୁନାହିଁ। ଜଳ ଉତ୍ସର ସଂରକ୍ଷଣ ପାଇଁ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାକୁ ଜଳ ଉତ୍ସ ଦିବସ ଭାବେ ପାଳନ କଲେ ସଚେତନତା ବୃଦ୍ଧି ପାଇବ। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଏହି ଜିଲାରେ କୌଣସି ଖଣି ଅଥବା ଶିଳ୍ପ ନାହିଁ। ତେବେ ଜିଲାର ୭ ନଦୀ ଓ ୨୭ ଶାଖା ନାଳରେ ଏବେ ପ୍ରଦୂଷିତ ଜଳ ପ୍ରବାହିତ ହେଉଛି। ଏପରି କି ଏହି ଜଳ ସାମୁଦ୍ରିକ ଜୀବ ଉପରେ ପ୍ରଭାବ ପକାଉଛି। ପଡୋଶୀ ଜଗତ୍‌ସିଂହପୁର, ଯାଜପୁର ଓ ଭଦ୍ରକ ଜିଲାର ଶିଳ୍ପ ଅନୁଷ୍ଠାନ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦେଉନାହାନ୍ତି। ଶିଳ୍ପ ବର୍ଜ୍ୟ ସାମଗ୍ରୀକୁ ନଦୀ ଜଳକୁ ଛାଡୁଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ି ଚାଷ ଉପାନ୍ତ ଅଞ୍ଚଳରେ କୁଟୀର ଶିଳ୍ପ ପାଲଟିଛି। ଚିଙ୍ଗୁଡ଼ି ଘେରିରୁ ନିର୍ଗତ ବର୍ଜ୍ୟ ରାସାୟନିକ ସାମଗ୍ରୀ ନାଳ, କେନାଲ ଓ ନଦୀ ମାଧ୍ୟରେ ଛଡ଼ା ଯିବା ଫଳରେ ସମୁଦ୍ରାଞ୍ଚଳ ପ୍ରଦୂଷିତ ହେଉଛି। ପୂଜା ପାର୍ବଣ ସମୟରେ ଏକ ସ୍ୱତନ୍ତ୍ର ପୋଖରୀରେ ମୂର୍ତ୍ତି ଓ ପୂଜା ସାମଗ୍ରୀକୁ ପକାଯାଉ। ସେହିପରି ମୂର୍ତ୍ତି ଗଠନରେ ରାସାୟନିକ ଦ୍ରବ୍ୟ ବଦଳରେ ପରିବେଶ ଅନୁକୂଳ ଉପାଦାନ ବ୍ୟବହାର ହେଉ ବୋଲି ସେ ମତ ଦେଇଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଜଳ ଉତ୍ସ ସଂରକ୍ଷଣ ଜରୁରୀ। ଜିଲାର ଜଳ ସଙ୍କଟ ଦୂର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳ ଶକ୍ତି ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ପୁରୁଣା ଜଳ ଉତ୍ସର ପୁନରୁଦ୍ଧାର, ଭୂଗର୍ଭକୁ ବର୍ଷା ଓ ଉଦ୍‌ବୃତ୍ତ ଜଳ ପ୍ରେରଣ ସହିତ ବ୍ୟାପକ ଭାବେ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନ କେନ୍ଦ୍ରାପଡ଼ା ଜିଲାରେ କେବଳ କାଗଜପତ୍ରରେ ସୀମିତ ହୋଇଛି। ଅଭିଯାନର ଉଦ୍‌ଘାଟନ ପରେ ଏ ନେଇ ସଚେତନତା ସୃଷ୍ଟି ହୋଇପାରିନାହିଁ। ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ଜଳଉତ୍ସଗୁଡ଼ିକ ନଷ୍ଟ ହୋଇଛି ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ନିଳୁ ମହାପାତ୍ରଙ୍କୁ ପଚାରିବାରେ ଜଳଉତ୍ସ ପ୍ରଦୂଷଣ ମୁକ୍ତ ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛନ୍ତି। ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହ ବିଭିନ୍ନ ଯୋଜନାରେ ବନୀକରଣ ଓ ପୋଖରୀର ପୁନରୁଦ୍ଧାର କରାଯାଉଛି ବୋଲି ସେ କହିଛନ୍ତି।



- ସହରର ୨୪ ବଡ଼ ପୋଖରୀରୁ ୧୮ ପୋତିଦିଆଯାଇଛି
- କାର୍ତ୍ତିକ ପୂର୍ଣ୍ଣିମାକୁ ଜଳ ଉତ୍ସ ଦିବସ ଭାବେ ପାଳନ ପାଇଁ ଆହ୍ୱାନ
- ଜଳ ଶକ୍ତି ଅଭିଯାନ କାଗଜକଲମରେ ସୀମିତ

## ୧୩ ଶହ କେଜି ଲୁହାଛଡ ଚୋରି

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି-ଆସିକା ରାସ୍ତାରେ ଥିବା ଦିୱାନ ବଙ୍ଗଳା ନିକଟରୁ ଗୁରୁବାର ରାତିରେ ରାଜେଶ ସେଠୀଙ୍କ ପ୍ରାୟ ୧୩ ଶହ କେଜି ଲୁହାଛଡକୁ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଏହାର ବଜାର ମୂଲ୍ୟ ୯୦ ହଜାର ଟଙ୍କା ହେବ। ରାଜେଶ ଶୁକ୍ରବାର ନିର୍ମାଣାଧୀନ ଘରର ଛାତ ପକାଇବାକୁ ଗୁରୁବାର ସକାଳେ ଲୁହାଛଡ କିଣି ଘର ନିକଟରେ ରଖିଥିଲେ। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

**ସଂକ୍ଷେପରେ**

### ସଭ୍ୟ ସଂଗ୍ରହକୁ ଜୋରଦାର କରିବ ଗଞ୍ଜାମ ବିଜେଡି

ବ୍ରହ୍ମପୁର,୧।୧୧(ନରସିଂହ ସାହୁ) ଗଞ୍ଜାମର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶନିବାରଠାରୁ ବିଜେଡିର ନୂଆ ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରାଯିବ। ଏହା ଅନଲାଇନ ଓ ଅଫ୍ ଲାଇନରେ ହେବ। ଏଥିପାଇଁ ଗତ ସାଧାରଣ ନିର୍ବାଚନର ବିଧାୟକ ଓ ଏମ୍‌ପି ପ୍ରାର୍ଥୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ନିର୍ବାଚନ ମଣ୍ଡଳୀକୁ ସଭ୍ୟ ସଂଗ୍ରହ ଖାତା ପଠାଯାଇଛି। ସକ୍ରିୟ ସଦସ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି। ପ୍ରତି ବିଧାନସଭା କ୍ଷେତ୍ରରୁ ଅନ୍ୟୁନ ୧୦୦୦ ନୂଆ ସଭ୍ୟ ସଂଗ୍ରହ ପାଇଁ ଶଙ୍ଖ ଭବନରୁ ନିର୍ଦ୍ଦେଶ ରହିଥିବା ସେ କହିଛନ୍ତି। ବିଜେଡି ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନର ମୁଖ୍ୟ ଅତନୁ ସବ୍ୟସାଚୀ ନାୟକ ଓ ଦଳର ବରିଷ୍ଠ ନେତା ବିଜୟ ନାୟକ ଶୁକ୍ରବାର ସବୁ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କ ସହ ଆଭାସୀରେ ଆଲୋଚନା କରିଥିବା ଚ୍ୟାଉ ପଟ୍ଟନାୟକ କହିଛନ୍ତି। ଚଳିତ ମାସରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟସାରା ବୁଲିବେ ଓ ଏହା ଗଞ୍ଜାମରୁ ଆରମ୍ଭ ହେବାକୁ ଥିବା ପ୍ରସ୍ତାବ ଥିବା ଜିଲା ସଭାପତି ଆଶା ପ୍ରକଟ କରିଛନ୍ତି।

### ଭାଗବତ ପ୍ରବଚନ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧।୧୧(ଗିରିଧାରୀ ପରିଛା):ସ୍ଥାନୀୟ ବଡ ରାଧାକାନ୍ତ ମଠଠାରେ ସପ୍ତାହବ୍ୟାପୀ ଚାଲିଥିବା ଭାଗବତ ପ୍ରବଚନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମଚାରୀ ଅନୁରାଗ ଚୈତନ୍ୟ ପ୍ରବଚନରେ କହିଥିଲେ ଯେ, କର୍ମ, ଭକ୍ତି ଓ ଜ୍ଞାନ ଯୋଗରେ ପରିପୂର୍ଣ୍ଣ ଏହି ଗ୍ରନ୍ଥ ମଣିଷ ଭିତରେ ମାନବିକତା ଜାଗ୍ରତ କରିଥାଏ। ଏହା ଆତ୍ମାକୁ ଭଗବାନଙ୍କ ନିକଟତର କରିବା ପାଇଁ ସମ୍ବଳ ଯୋଗାଇଥାଏ । କାର୍ଯ୍ୟକ୍ରମକୁ ସଫଳତାର ସହ ସଂପାଦନ କରିବାରେ ମହନ୍ତ ରାମାନନ୍ଦ ଦାସ,ମହନ୍ତ ଶ୍ୟାମାନନ୍ଦଦାସ, ଉକ୍ତ ମଠର ପୂଝାରୀ ପ୍ରାଣନାଥ ଦାସ ଏବଂ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କ ସହ ଦୀପାବଳି ପାଳନ

ପାରଳାଖେମୁଣ୍ଡି,୧।୧୧(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସହର ଉପକଣ୍ଠରେ ସୁପୁତ୍ର ଅନୁଷ୍ଠାନ ପକ୍ଷରୁ ଚାଲିଥିବା ବରିଷ୍ଠ ନାଗରିକ ଆଶ୍ରା ଗୃହରେ ଜିଲାର ଲିଗାଲ ରିସୋର୍ସ ଫର ସୋସିଆଲ ଆକ୍ସନ ଓ ଆକାଂକ୍ଷା ମହିଳା ସଙ୍ଗଠନର ପକ୍ଷରୁ ବୃଦ୍ଧାବୃଦ୍ଧ ଅନ୍ତେବାସୀଙ୍କ ସହ ପବିତ୍ର ଦୀପାବଳି ଉତ୍ସବ ପାଳିତ ହୋଇଛି। ପରିବାରରୁ ଦୂରରେ ରହିଥିବା ୨୫ ଜଣ ଅନ୍ତେବାସୀ ଏହି ଆଶ୍ରା ଗୃହରେ ବହୁ ବର୍ଷ ଧରି ରହି ଆସୁଛନ୍ତି। ଦୀପାବଳି ଅବସରରେ ଏହି ଦୁଇ ଅନୁଷ୍ଠାନର ମହିଳା ସଦସ୍ୟମାନେ ଅନ୍ତେବାସୀଙ୍କ ସହିତ ଦୀପ ଜାଳି, ବାଣ ଫୁଟାଇ ସେମାନଙ୍କୁ ମିଠା ଓ ଫଳ ଖୁଆଇ ଦୀପାବଳି ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଲିଗାଲ ରିସୋର୍ସ ଫର ସୋସିଆଲ ଆକ୍ସନର ଉପଦେଷ୍ଟା ଭାଗ୍ୟଲକ୍ଷ୍ମୀ ନାୟକ, ଆକାଂକ୍ଷା ମହିଳା ସଙ୍ଗଠନ ସମ୍ପାଦିକା ମୀନା କୁମାରୀ ଟହଲ, ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଠୀ, ଉପ ସଭାନେତ୍ରୀ ଅନିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତେବାସୀଙ୍କ ପକ୍ଷରୁ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଆଶ୍ରାର ମୁଖ୍ୟ ପରିଚାଳକ ସୀତାକାନ୍ତ ଦାସ ସହଯୋଗ କରିଥିଲେ।

# ଆମ୍ବଟାକୁଆ ଖାଇ ୨ ମୃତ୍ୟୁ ଘଟଣା ପରେ ଚାଉଳ ବାଣ୍ଟିଲା ପ୍ରଶାସନ

ଦାରିଙ୍ଗବାଡି, ୧।୧୧ (ଅରୁଣ ସାହୁ )



କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମ ଦଡାସାହିରେ ଆମ୍ବ ଟାକୁଆ ଖାଇ ରୁନୁ ମାଝୀ ଏବଂ ରମିତା ପାଟମାଝିଙ୍କ ମୃତ୍ୟୁ ଘଟିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୩ମାସ ହେଲା ଅକ୍ଟୋବର ମାସରୁ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପ୍ରଶାସନ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ତିନିମାସର ଚାଉଳ ବଣ୍ଟନ କାର୍ଯ୍ୟ ବ୍ରାହ୍ମଣୀଗାଁ ବହୁମୁଖୀ ସମବାୟ ସମିତି ପରିସରରେ ଶୁକ୍ରବାର ଆରମ୍ଭ କରିଛି। ମାଣ୍ଡିପଙ୍କା ଘଟଣା ପରେ ଚାଉଳ ବଣ୍ଟନ କରାଯାଇଥିଲେ ମଧ୍ୟ ମାଣ୍ଡିପଙ୍କା ଲୋକଙ୍କୁ ଶନିବାର ଚାଉଳ ଦେବାକୁ ସ୍ଥିର ହୋଇଛି। ଶୁକ୍ରବାର ବ୍ରାହ୍ମଣୀଗାଁ ପଞ୍ଚାୟତର ଅଲାଞ୍ଜୁରୀ ଏବଂ

**■୨ ମୃତକଙ୍କ ଚାଉଳ ପାଳି ଆଜି**

ଡାଙ୍ଗେସି ଗ୍ରାମର ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ମାଣ୍ଡିପଙ୍କା ହିତାଧିକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ବ୍ରାହ୍ମଣୀଗାଁ ଓ ଆଉ କେତେ ଜଣ ହିତାଧିକାରୀଙ୍କୁ ଗଦାପୁରରେ ଚାଉଳ ମିଳୁଛି। ବ୍ରାହ୍ମଣୀଗାଁରେ ମୃତ ରୁନୁ ଓ ରମିତାଙ୍କ ନାମ ରହିଥିବା ବେଳେ ଏବେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଟୁନି ମାଝୀ ଏବଂ ଜୀବନ୍ତି ମାଝୀଙ୍କ ନାମ ମଧ୍ୟ ରହିଛି ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହିନ୍ଦୀ ଶିକ୍ଷକଙ୍କୁ ପୁନଃନିଯୁକ୍ତି ମିଳୁନି

ଖଣ୍ଡପଡ଼ା,୧।୧୧
( ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିକଟସ୍ଥ ବାଇଗୁଣିଆଁ ଗ୍ରାମର ହିନ୍ଦି ଶିକ୍ଷକ ପ୍ରମୋଦ କୁମାର ନନ୍ଦଙ୍କୁ ତୁରନ୍ତ ଯେ କୌଣସି ବିଦ୍ୟାଳୟରେ ଆସନ୍ତା ମାସ ମଧ୍ୟରେ ପୁନଃ ଅବସ୍ଥାପିତ କରିବାକୁ ହାଇକୋର୍ଟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଅଦ୍ୟାବଧି ସମ୍ପୃକ୍ତ ହିନ୍ଦି ଶିକ୍ଷକଙ୍କୁ କୌଣସି ବିଦ୍ୟାଳୟରେ ନିଯୁକ୍ତି ଦେଇ ନ ଥିବାରୁ ଏ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ହିନ୍ଦି ଶିକ୍ଷକ ନନ୍ଦ ୧୯୯୬ମସିହାରୁ ନୟାଗଡ଼ ଜିଲା ଅଧୀନ ନୂଆଗାଁ ବ୍ଲକର ଜାକେଡା ଗ୍ରାମ ଉଚ୍ଚବିଦ୍ୟାଳୟରେ ୧୧ବର୍ଷ ଧରି ବିନା ପାରିଶ୍ରମିକରେ ଶିକ୍ଷକତା କଲା ପରେ ଉକ୍ତ ବିଦ୍ୟାଳୟଟି ୧୯୯୯-୨୦୦୦ରେ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇଥିଲା। ମାତ୍ର ସେହି ସମୟରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ କେତେଜଣ ଲୋକ ହିନ୍ଦି ଶିକ୍ଷକ ନନ୍ଦଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିବାରୁ ପରିଚାଳନା କମିଟିର ନିଷ୍ପତ୍ତିକ୍ରମେ ତାଙ୍କୁ ବିଦ୍ୟାଳୟରୁ ବାହାର କରି ଦିଆଯାଇଥିଲା। ଏହାର ପ୍ରତିବାଦରେ ହିନ୍ଦି ଶିକ୍ଷକ ନନ୍ଦ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ସେହି ସମୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ହିନ୍ଦି ଶିକ୍ଷକ ନନ୍ଦଙ୍କୁ ପୁଣି ଅବସ୍ଥାପିତ କରିବା ପାଇଁ ତତ୍କାଳୀନ ନୟାଗଡ଼ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ପ୍ରଶାସନିକ ଉଦାସୀନତା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଶିକ୍ଷକ ନନ୍ଦ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ବହୁ ଦୁର୍ଦ୍ଦିନରେ ଦିନ କାଟିଥିଲେ। ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ନ୍ୟାୟ ନ ମିଳିବା ପରେ ସେ ନ୍ୟାୟ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ତାଙ୍କୁ ପୁନଃ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅଭିଯୋଗ ସମ୍ପର୍କରେ ନୟାଗଡ଼ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରେ ସମସ୍ୟା ସମ୍ପର୍କରେ ସେ ଅବଗତ ଥିବା ନେଇ ସୂଚନା ଦେବା ସହ ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସେ କହିଛନ୍ତି।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ

### ନଭେମ୍ବର ଶେଷ ସପ୍ତାହରେ ନବ ନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ କର୍ମକର୍ତ୍ତା ।

ବେଲଗୁଣ୍ଠା,୧।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଚଳିତ ମାସରେ ବେଲଗୁଣ୍ଠା ବ୍ଲକ୍‌ରେ ୩୭ ଜଣ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ (ଯୋଜନା ଭିତ୍ତିକ) ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ହୋଇଛନ୍ତି। ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସ୍ଥିର କରିଛି। ଏନେଇ ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠୀ, ମନୋଜ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ କେଦାରନାଥ ନାୟକ, ଟୁକୁନା ବେହେରା, ସଂଘ କର୍ମକର୍ତ୍ତା ଛାୟାକାନ୍ତ ମହାପାତ୍ର, ହରେକୃଷ୍ଣ ଶତପଥୀ, ରଞ୍ଜିତ୍ ସାହୁ, ଜିତେନ୍ଦ୍ର ସାହୁ, ସୁଧୀରକାନ୍ତ ତ୍ରିପାଠୀ, ଶୀତଳପ୍ରସାଦ ଜେନା, ଶିଶିର ସ୍ୱାଇଁ, ଅନନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସହ ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତମାସ ଶେଷ ରବିବାର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର କରାଯାଇଥିଲା। ଶିକ୍ଷକ ଶିଶିର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଦେଶୀ ମଦ କାରବାର ଅଭିଯୋଗରେ ୮ ଗିରଫ

### ଜୁଆଆଡ୍ଡାରୁ ୧୬ ଜଣଙ୍କୁ ଧରିଲା ପୋଲିସ

ରମ୍ଭା,୧।୧୧(ବନବାସୀ ସେଠୀ)–ଗଞ୍ଜାମ ଏସ୍‌ପି. ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶରେ ରମ୍ଭା ଥାନା ଅଞ୍ଚଳରେ ଚୋରାମଦ, ଜୁଆଆଡ୍ଡା ଉପରେ ଚଢ଼ାଉ ସହ ୱାରେଣ୍ଟି ଓ ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କୁ ଧରପଗଡ଼ କରାଯାଇଥିବା ଆଇଆଇସି ସତ୍ୟବ୍ରତ ଭୂୟାଁ ସୂଚନା ଦେଇଛନ୍ତି। ଦୀପାବଳିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୧୪ ଲିଟର ଦେଶୀମଦ ଜବତ କରାଯିବା ସହ ୮ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବାଗଲପୁର ପୂଜା ପଡିଆ, ଗଜପତି ନଗର ଓ ସନ୍ତୋଷପୁର ଠାରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରିବା ବେଳେ ପୋଲିସ ୧୬ ଜଣଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ୩୮, ୦୫୯ ଟଙ୍କା ଜବତ ହୋଇଛି। ସେହିପରି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଛନ୍ଦି ହୋଇ ଲୁଚି ରହିଥିବା ୭ୱାରେଣ୍ଟିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ମଦ୍ୟପାନ କରି ଗାଡି ଚଳାଇବା ଅଭିଯୋଗରେ ୨୩ଜଣ ଗିରଫ ହୋଇଥିବା ବେଳେ ଟ୍ରିପଲ ରାଇଡିଂରେ ୬ ଓ ହେଲମେଟବିହୀନ ଗାଡି ଚଳାଇ ୬ଜଣ ଧରାପଡ଼ିଛନ୍ତି। ହୁମ୍ମା ଅଞ୍ଚଳରୁ ବିପୁଳ ପରିମାଣରେ ବେଆଇନ ବାଣ ଓ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ କରିବାରେ ରମ୍ଭା ଥାନା ପୋଲିସ ସଫଳ ହୋଇଛି । ଏଥିରେ ଜଣଙ୍କୁ ଗିରଫ କରାଯାଇଛି।

## ଅଲିଭ ରିଡଲେ ସୁରକ୍ଷା ଚିନ୍ତା

## ଋଷିକୁଲ୍ୟା ମୁହାଁଣ ନୋ ଫିସିଂ ଜୋନ୍

ଗଞ୍ଜାମ,୧।୧୧(ବିଦ୍ୟାଧର ସାହୁ ) ସାମୁଦ୍ରିକ କଇଁଚ ଅଲିଭ ରିଡଲେଙ୍କ ସୁରକ୍ଷା ନେଇ ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣ ଅଞ୍ଚଳକୁ 'ନୋ ଫିସିଂ ଜୋନ୍' ଭାବେ ଶୁକ୍ରବାର ବନ ବିଭାଗ ଘୋଷଣା କରିଛି। ପ୍ରତିବର୍ଷ ପରି ନଭେମ୍ବର ପହିଲାରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏନେଇ ମୁହାଁଣ ନିକଟରେ ନଡିଆ ଭାଙ୍ଗି ପୂଜାର୍ଚ୍ଚନା କରାଯାଇଛି। ଏସିଏଫ୍ ଦିବ୍ୟରଞ୍ଜନ ବେହେରା, ଫରେଷ୍ଟର ନୀଳମାଧବ ଜେନା, ପ୍ରଦୀପ ପଣ୍ଡା, କାମନା ଭୂୟାଁ, ବନରକ୍ଷୀ ତପନ ନନ୍ଦ, ଋଷିକୁଲ୍ୟା କଇଁଚ ସୁରକ୍ଷା ସଙ୍ଗଠନର ସମ୍ପାଦକ ରବିନ୍ଦ୍ରନାଥ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଋଷିକୁଲ୍ୟା ମୁହାଁଣଠାରୁ ଉତ୍ତର ଦିଗରେ ପ୍ରାୟଗି ପର୍ଯ୍ୟନ୍ତ ୧୦ କି.ମି., ଦକ୍ଷିଣରେ ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ୧୦ କି.ମି. ଓ ସମୁଦ୍ର ମଧ୍ୟକୁ ୧୦ କି.ମି. ପର୍ଯ୍ୟନ୍ତ 'ନୋ ଫିସିଂ' ଜୋନ୍ ଭାବେ ଘୋଷଣା କରାଯାଇଛି । ଟ୍ରଲର, ମେଶିନ ଚାଳିତ ଡ଼ଙ୍ଗା ଉକ୍ତ ଜୋନରେ ମାଛ ମାରିବାକୁ ବାରଣ କରାଯାଇଛି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

ଚିକିଟି,୧।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସ୍‌ଏସ୍) ଆନୁକୂଲ୍ୟରେ ଛାତ୍ରୀଛାତ୍ର ୟୁନିଟ୍ ପକ୍ଷରୁ ଗୁରୁବାର ମିଳିତ ଭାବେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି।ଏହାକୁ ମହାବିଦ୍ୟାଳୟର ଅଧକ୍ଷ ଡ଼ା. ଭବାନୀ ପ୍ରସାଦ ପଣ୍ଡା ଉଦ୍‌ଘାଟନ କରି ସତ୍ୟନିଷ୍ଠା ସଂସ୍କୃତିକୁ ସୁଦୃଢ କରି ଦେଶରୁ ଦୁର୍ନୀତିକୁ ଦୂର କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନା ପୁରୁଷ ୟୁନିଟର ଅଧିକାରୀ ଅଧ୍ୟାପକ ଲକ୍ଷ୍ମଣ ବେହେରା ଓ ମହିଳା ୟୁନିଟର ଅଧିକାରୀ ଡ଼ା ସୁଜାତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ପରିଚଳିତ ଏହି ଶୋଭାଯାତ୍ରାରେ ୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର




ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର ।

ହାତରେ ପ୍ଲାକାର୍ଡ ଧରି ଚିକିଟି ଗଡ଼ର ପ୍ରତ୍ୟେକ ସାହି ପରିକ୍ରମା କରି ଦୁର୍ନୀତି ନିବାରଣ ସମ୍ପର୍କିତ ସଚେତନତା ସ୍ଲୋଗାନ ଦେଇ ପ୍ରଚାରପତ୍ର ବାଣ୍ଟି ଜନସାଧାରଣଙ୍କୁ ସଚେତନ କରିଥିଲେ। ଅଧ୍ୟାପକ ସନାତନ ଗୌଡ଼, ସୁନୀଲ ପଣ୍ଡା, ସିଦ୍ଧାର୍ଥ ଶଙ୍କର ସୁଆର, ରବିନ୍ଦ୍ର ମହାରଣା, କାହ୍ନୁଚରଣ ଜେନା, ଜିତେନ୍ଦ୍ର ବେହେରା, ନରେନ୍ଦ୍ର ବେହେରା, ପବିତ୍ର ମହାରଣା, ଡା. ରାମ ଶଙ୍କର ପଟ୍ଟନାୟକ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ଫୁଲବାଣୀରେ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ

ଫୁଲବାଣୀ,୧।୧୧(ରାକେଶ କୁମାର ରାଉତ) କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ତରଫରୁ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ସ୍ଥାନୀୟ କେବି ହିଷ୍ଟ କଲେଜରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କେବି ହିଷ୍ଟ କଲେଜ ଅଧକ୍ଷ ଅନିଲ କୁମାର ଚୌଧୁରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ସି ଡବ୍ଲୁସି ସଭ୍ୟ ପ୍ରସନ୍ନ ବିଶୋଇ, କଲେଜ ଅଧ୍ୟାପକ ସୁରଭି ବାଳା ପାଣିଗ୍ରାହୀ, ଦିବ୍ୟ ନାରାୟଣ ହୋତା, ଆୟୁଷ କୁମାର ଦାଶ, ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଦୁର୍ନୀତିକୁ କିପରି ଭାବରେ ରୋକା ଯାଇପାରିବ ତାହା ଉପରେ କାର୍ଯକ୍ରମରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜସ୍ମିନ କହ୍ନର ପ୍ରଥମ, ଚିନ୍ମୟୀ ପ୍ରଧାନ ଦ୍ୱିତୀୟ ଏବଂ ଜ୍ୟୋତି ବେହେରା ତୃତୀୟ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ଟ୍ରଫି, ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ସ୍ୱେଚ୍ଛାସେବୀ ରଚିତା ରାଣୀ ସାହାଣୀ ଧନ୍ୟବାଦ ଦେଇଥିଲେ।

## ହାର୍ଟ ନଗରରେ ମା' ଶ୍ୟାମାକାଳୀ ପୂଜା

ଭଞ୍ଜନଗର,୧।୧୧(ବାବୁଲା ପ୍ରଧାନ)– ଆଜକୁ ୫୦ ବର୍ଷରୁ ଊର୍ଦ୍ଧ ଦିନ ହେବ ପ୍ରତିବର୍ଷ ଭଞ୍ଜନଗର ହାର୍ଟ ନଗର ରେ ଘୁମୁସର ସମ୍ମିଳିତ ବନ ପରିବାର ପକ୍ଷରୁ ଶ୍ୟାମାକାଳୀ ପୂଜା ହୋଇଆସୁଛି। ଏହି ଅବସରରେ ଶୁକ୍ରବାର କାଳିପୂଜା ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାନ୍ତି ବନ୍ୟପ୍ରାଣୀ ଏବଂ ମାନବ ସମାଜର ସୁରକ୍ଷା ପାଇଁ ମା କାଳୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସନ୍ଧ୍ୟାରେ ଫୁଲବାଣୀ ନଟରାଜ କଳା ମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ, ରେଞ୍ଜର, ବରିଷ୍ଠ ଭାଜପା ନେତ୍ରୀ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୪ ଦିନବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ।

## ମା' ପାଟଖଣ୍ଡା ମନ୍ଦିରରେ ଦୀପ ଜାଳିଲେ ବ୍ୟବସାୟୀ

ବାଲିଗୁଡା,୧।୧୧
(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ ବ୍ୟବସାୟୀମାନେ ପ୍ରଥମଥର ପାଇଁ ଶ୍ୟାମା କାଳୀ ପୂଜା ଓ ଦୀପାବଳି ଉପଲକ୍ଷେ ଶୁକ୍ରବାର ମା' ପାଟଖଣ୍ଡାଙ୍କ ନିକଟକୁ ଯାଇ ସେଠାରେ ଦୀପ ଲଗାଇଥିଲେ। ପରେ ପ୍ରସାଦ ଅର୍ପଣ କରି ନିଜ ନିଜ ଦୋକାନ ସମ୍ମୁଖରେ ଦୀପ ଲଗାଇବା ସହ ପ୍ରସାଦ ବାଣ୍ଟିଥିଲେ। ଏଥିରେ ମାର୍କେଟ ସଂଘର ସତ୍ୟ ନାରାୟଣ ପାଢ଼ୀ, କାଳିନ୍ଦୀ ଚରଣ ପଣ୍ଡା, ପୁରୁଷୋତ୍ତମ ଡାକୁଆ, ପଦ୍ମନାଭ ପାଣିଗ୍ରାହୀ, ମନୋରଞ୍ଜନ ମହାପାତ୍ର, ସୁଶାନ୍ତ କୁମାର ପାଣିଗ୍ରାହୀ, ଧର୍ମେନ୍ଦ୍ର ପାଣିଗ୍ରାହୀ, ଆନନ୍ଦ ଦାସଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଗୁମ୍ମା,୧।୧୧(ପ୍ରବୀଣ କୁମାର ଲିମା) ଗଜପତି ଜିଲା ଗୁମ୍ମା ବ୍ଲକ ଉଖୁରା ପଞ୍ଚାୟତ ସୁକେଇ ଗ୍ରାମର ରିୟବିୟମ ବଡରଇତଙ୍କ ଘରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଖବର ପାଇ ଦମକଳ ବାହିନୀ ଓ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଘରର ଆସବାବ ପତ୍ର, ଅନ୍ୟାନ୍ୟ ଜିନିଷପତ୍ର ସହ ୧ କୁଇଣ୍ଟାଲ ଚାଉଳ, ୫ କୁଇଣ୍ଟାଲ ରବର ଓ ୪୦ କୁଇଣ୍ଟାଲ ଧାନ ପୋଡି ନଷ୍ଟ ହୋଇଥିବା ରିୟବିୟମ କହିଛନ୍ତି। ରବର୍ ଚାଷ କରୁଥିବା ରିୟବିୟମ ନଭେମ୍ବର ମାସରେ ପ୍ରତି ବର୍ଷ ରବର ବିକ୍ରି କରିଥାନ୍ତି। ଆଗକୁ ରବର ବିକ୍ରି କରିବାକୁ ଘରେ ରଖିଥିବା ବେଳେ ଅଗ୍ନିକାଣ୍ଡରେ ସବୁ ପାଉଁଶ ହୋଇଯାଇଛି। ଏନେଇ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏଥିପ୍ରତି ରବର ବୋର୍ଡ ଓ ପ୍ରଶାସନ ଦୃଷ୍ଟି ଦେଇ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗୁମ୍ମା ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି।

## ଭାଜପାର ସଦସ୍ୟତା ଅଭିଯାନ

ଗୋପାଳପୁର,୧।୧୧(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନୀ ମଣ୍ଡଳୀ ଅଧୀନ ଗୋଳନ୍ଥରା ଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ପର୍ବ ସମର୍ପିତ କାର୍ଯ୍ୟକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଇଶାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମାବେଶରେ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଲୋକସଭା ସଂଯୋଜକ ସରୋଜ ସାବତ, ବନମାଳି ସେଠୀ, କାହ୍ନୁ ଚରଣ ପତି, ପୀତବାସ ପଣ୍ଡା, ରାଜେଶ ସାହୁ, ଗଙ୍ଗାଧର ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ। ନିର୍ବାଚନ ମଣ୍ଡଳୀର ଶତାଧିକ ମହିଳା ଓ




ସଦସ୍ୟତା ଅଭିଯାନରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ପୁରୁଷ ଯୋଗ ଦେଇଥିଲେ। ପ୍ରତ୍ୟେକ କର୍ମୀଙ୍କୁ ୨୦ ଜଣ ନୂତନ ସଦସ୍ୟ ଓ ସକ୍ରିୟ ସଦସ୍ୟତା କରିବା ପାଇଁ ମନ୍ତ୍ରୀ ଜେନା ଆହ୍ୱାନ ଦେଇଥିଲେ। ଏହି ଅବସରରେ ୪୩ ଟି ଶକ୍ତି କେନ୍ଦ୍ରର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଯୁବନେତା ସୁନୀଲ ପାତ୍ର, ତୁତୁନ ପାତ୍ର, କୋଳଥିଗାଁ ସରପଞ୍ଚ ଜଗମୋହନ ପାତ୍ର, ବିନୋଦ ମିଶ୍ର, ଗୌରୀ ସାମନ୍ତରାୟ, ଚିନ୍ମୟାନନ୍ଦ ମହାରାଜ, ଟୁନା ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଗୋପାଳପୁର,୧।୧୧
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଅଧିନସ୍ଥ ସୋରଲ ଗୋଳନ୍ଥରା ରେଳ ଷ୍ଟେସନ ମଝିରେ ଗୋବିନ୍ଦନଗର ଫାଟକ ନିକଟରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଶୁକ୍ରବାର ବ୍ରହ୍ମପୁର ଜିଆରପି ଠାବ କରିଛି। ଏନେଇ ଜିଆରପି ଏକ ଅପମୃତ୍ୟୁ ମାମଲା ନଂ ୯୫/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବ୍ୟବଛେଦ ରିପୋର୍ଟ ଆସିଲେ ଏହା ଦୁର୍ଘଟଣା ନା ହତ୍ୟା ଜଣାପଡିବ ବୋଲି ରେଳବାଇ ପୋଲିସ କହିଛି।

## ଗଞ୍ଜାମ-ଗଜପତି ଜିଲା ସୀମାନ୍ତରେ ବୁଲୁଛି ମହାବଳ

### ନୂଆପଡ଼ା ନିକଟରୁ ବାଘ ପାଦଚିହ୍ନ ଠାବ, ଟ୍ରାପ କ୍ୟାମେରାରୁ ମିଳୁନି ଫଟୋ

ଦିଗପହଣ୍ଡି/ଚିକିଟି,୧।୧୧(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ-ଗଜପତି ସୀମାନ୍ତ ଜଙ୍ଗଲରେ ମହାବଳ ବାଘ ବୁଲୁଛି। ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ମାଡ଼ି ଆସୁଛି। ଶୁକ୍ରବାର ସକାଳେ ଗଞ୍ଜାମ ଜିଲା ଦିଗପହଣ୍ଡି ଫରେଷ୍ଟ ରେଞ୍ଜ ଅଧୀନ ନୂଆପଡ଼ା ବିଟ୍ ଗାଇଡ଼ା ଜଙ୍ଗଲ ସଂଲଗ୍ନ ବାତରଡ଼ାପଲ୍ଲି ଗ୍ରାମ ନିକଟରୁ ବନବିଭାଗ ବାଘର ପାଦଚିହ୍ନ ସଂଗ୍ରହ କରିଛି। ଖବର ପାଇ ବ୍ରହ୍ମପୁର ସହକାରୀ ବନ୍ୟପ୍ରାଣୀ ସଂରକ୍ଷକ ଡ଼. ରୁଦ୍ର ପ୍ରସାଦ ରଥ, ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ଆଖପାଖରେ ଥିବା ଦେବୀପୁର, ବଳରାମପୁର, ବାଦୁଆ, ବାଦ୍ୟନାଳ ଶାସନ ପ୍ରଭୃତି ଗ୍ରାମବାସୀଙ୍କୁ ବାଘର ଉପସ୍ଥିତି ନେଇ ସତର୍କ ସୂଚନା ଜାରି କରାଯାଇଛି। ସନ୍ଧ୍ୟାରୁ ସକାଳ ଯାଏ ଲୋକେ ଘରୁ ନ ବାହରିବା ପାଇଁ ବିଭାଗ ପରାମର୍ଶ ଦେଇଛି। ସମ୍ପୃକ୍ତ ଅଞ୍ଚଳରେ ଗଞ୍ଜାମ-ଗଜପତି ଜିଲା ବନ ବିଭାଗ ପକ୍ଷରୁ ମିଳିତ ଧରପଗଡକୁ ଜୋରଦାର କରାଯାଇଛି।

ଗତ ବୁଧବାର ସକାଳେ ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତର ଆଦିବାସୀ ଗ୍ରାମ ପଦ୍ମପୁର ନିକଟସ୍ଥ ମକାବାଡରେ ମହାବଳ ବାଘର ପାଦ ଚିହ୍ନକୁ ବନବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା। ମଙ୍ଗଳବାର ରାତିରେ ପଦ୍ମପୁର ଗ୍ରାମର ମଙ୍ଗଳା ମଣ୍ଡଳଙ୍କ ୪ଟି ବଳଦ ନିକଟସ୍ଥ ମକାବାଡରେ ବନ୍ଧା ହୋଇଥିଲା। ରାତିରେ ବଳଦଙ୍କ ରଡି ଶୁଣି କେତେ ଜଣ ଗ୍ରାମବାସୀ ସେଠାକୁ ଯାଇ ଦେଖିବା ବେଳକୁ ବାଘ ଗୋଟିଏ ବଳଦକୁ ମାରି ଚାଲିଯାଇଥିଲା। ବନବିଭାଗ ପକ୍ଷରୁ ୩ ଟିମ୍ ଗଠନ କରାଯାଇ ବାଘର ଗତିପଥକୁ ଅନୁଧାନ ନିମନ୍ତେ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲଗାଇବା ସହ ବନ କର୍ମଚାରୀଙ୍କୁ ସେଠାରେ ମୁତୟନ କରାଯାଇଥିଲା। ତେବେ ଟ୍ରାପ କ୍ୟାମେରାରୁ ବାଘର ଫଟୋ ମିଳି ନ ଥିଲା।

# ଭୋଟ ଗଣତି କେନ୍ଦ୍ର ପ୍ରସ୍ତୁତିରେ ଅନିୟମିତତା

ଯାଜପୁର,୧।୧୧(ହର୍ଷବର୍ଦ୍ଧନ ବେହେରା)



■ ବିଦ୍ୟୁତ୍ ମରାମତି, ଏସି କିଣାରେ ମିଥ୍ୟା ବିଲ୍ ପ୍ରସ୍ତୁତ
■ ଜିଲାପାଳଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଛି: ଅଧୀକ୍ଷଣ ଯନ୍ତ୍ରୀ

ଯାଜପୁର ଜିଲାରେ ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ଭୋଟ ଗଣତି କେନ୍ଦ୍ରର ମରାମତି, ନିର୍ମାଣ ଆଦି ବାବଦରେ ଖର୍ଚ୍ଚ ଆଳରେ ବିପୁଳ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଉଠିଛି। ଏଥିରେ ବିଦ୍ୟୁତ୍ ମରାମତି, ଶୀତତାପ ନିୟନ୍ତ୍ରିତ ମେଶିନ (ଏସି) କିଣାରେ ମିଥ୍ୟା ବିଲ୍ ପ୍ରସ୍ତୁତ ହୋଇଛି। ଟେଣ୍ଡର ମୂଲ୍ୟଠାରୁ ଢେର ଗୁଣ ଅଧିକ ବିଲ୍ ହୋଇଥିବା ଜଣାପଡ଼ିଛି। ଏହାବାଦ୍ ପ୍ରାୟ ସମସ୍ତ କାର୍ଯ୍ୟରେ ଜଣେ ଠିକାଦାରଙ୍କୁ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ପାଣିକୋଇଲି ଆର୍ ଆଣ୍ଡ ବି ଡିଭିଜନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟଗୁଡ଼ିକୁ ଟେଣ୍ଡର ଡକା ନ ଯାଇ ଏଫ୍୨ କଣ୍ଟ୍ରାକ୍ଟ (୫ ଲକ୍ଷ ଟଙ୍କାରୁ କମ୍) ଆଳରେ ଏହିସବୁ କାମ କରିଥିବାର ଚର୍ଚ୍ଚା ହେଉଛି। ଏଥିରେ କେତେଜଣ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି, ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାର ମିଳିମିଶି ସରକାରୀ ଅର୍ଥକୁ ବାଟମାରଣା କରିଥିବା ଅଭିଯୋଗ ହୋଇଛି।

ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁସାରେ ଜିଲା ପ୍ରଶାସନ ପକ୍ଷରୁ ଭୋଟ ଗଣତି କେନ୍ଦ୍ରର ଏସି ଓ ଅନ୍ୟାନ୍ୟ ବିଦ୍ୟୁତ ମରାମତି କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏଥିନେଇ ୧ କୋଟି ୮ଲକ୍ଷ ୮୨ ହଜାର ୭୫୬ ଟଙ୍କା ଖର୍ଚ୍ଚ ହେବ ବୋଲି ଏଷ୍ଟିମେଟ୍ ହୋଇଥିଲା। କିନ୍ତୁ ପାଣିକୋଇଲି ପୂର୍ତ୍ତ ବିଭାଗ ଏଥିନେଇ ଟେଣ୍ଡର ଡାକିବା ପରିବର୍ତ୍ତେ ଏଫ୍୨ କଣ୍ଟ୍ରାକ୍ଟ ଆଳରେ ଏହି କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏନ୍.ସି. କଲେଜରେ ହୋଇଥିବା ଭୋଟଗଣତି କେନ୍ଦ୍ରରେ ୬୦ରୁ ଊର୍ଦ୍ଧ୍ୱ '୩ ଷ୍ଟାର'ର ୨ ଟନ୍ କ୍ଷମତା ବିଶିଷ୍ଟ ସ୍ପ୍ଲିଟ୍ ଏସି ଲଗାଯାଇଛି ବୋଲି ସରକାରୀ ଭାବେ ଦର୍ଶାଯାଇଛି। ୨ ଟନ୍ ଏସିର ମୂଲ୍ୟ ୫୯,୨୬୬ ଟଙ୍କା ଓ ଦେଢ଼ ଟନ ଏସିର ମୂଲ୍ୟ ୫୩,୦୩୭ ଟଙ୍କା ବୋଲି ଖୋଦ୍ ପୂର୍ତ୍ତ ବିଭାଗର ଏଷ୍ଟିମେଟ୍‌ରେ ଦର୍ଶାଇଛି। ତା'ଛଡ଼ା ଏସି ସହିତ ସମସ୍ତ ଆନୁଷଙ୍ଗିକ ସାମଗ୍ରୀ ଏହି ଅର୍ଥ ମଧ୍ୟରେ ଯୋଗାଇ ଦିଆଯିବ। କିନ୍ତୁ କପର କୁଲିଙ୍ଗ ପାଇପ୍, ପିଭିସି ପାଇପ୍, ଥ୍ରୀପିନ୍ ଟପ, କପର ମଲ୍ଟି ଷ୍ଟାଣ୍ଡ କେବୁଲ, ୩୨ ଆମ୍ପିୟର ସୁଇଚ୍ ଏସି ଲଗାଇବା ଚାର୍ଜକୁ ମିଶାଇ ଗୋଟିଏ ଗୋଟିଏ ବିଲ୍ ୪ ଲକ୍ଷ ୧୯ ହଜାର ୨୨୫ ଟଙ୍କାର ବୋଲି ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ ବଜାର ଦରଠାରୁ ଗୋଟିଏ ଗୋଟିଏ ଏସିର ମୂଲ୍ୟ ୧୪ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକ ବିଲ ହୋଇଛି। ସେହିପରି କପର କୁଲିଙ୍ଗ ପାଇପ୍ ଆଳରେ ବହୁ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ କରାଯାଇଛି। ତା'ଛଡ଼ା ଭୋଟ ଗଣତି କେନ୍ଦ୍ର ହୋଇଥିବା ଏନ୍‌ସି କଲେଜର କମର୍ସ ବ୍ଲକ, ସାଇନ୍ସ ବ୍ଲକ, ପୁରୁଣା ବିଲ୍ଡିଙ୍ଗ ଏବଂ ଅଡିଟୋରିୟମ ହଲ୍‌ର ୱାରିଙ୍ଗ କାର୍ଯ୍ୟ ସହିତ ସୁଇଚ୍, ଟ୍ୟୁବ୍, ଫ୍ୟାନ୍ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଲଗାଇବା ବାବଦକୁ ପାଖାପାଖି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଲ୍ କରାଯାଇଛି। କିନ୍ତୁ ବାସ୍ତବରେ ଏତେ ଟଙ୍କାର ବିଦ୍ୟୁତ୍ ମରାମତି କାର୍ଯ୍ୟ ହୋଇନାହିଁ ବୋଲି ଉକ୍ତ କଲେଜର କର୍ମଚାରୀମାନଙ୍କଠାରୁ ଜଣାପଡିଛି। କେବଳ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏହି ମରାମତି ଅର୍ଥକୁ ମିଳିମିଶି ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଆଜକୁ ୨ ବର୍ଷ ହେବ ଯାଜପୁର ସହରସ୍ଥିତ ଏନ୍‌ସି କଲେଜର ନବକଳେବର ହୋଇଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନୂତନ ଗୃହ ନିର୍ମାଣ ସାଙ୍ଗକୁ ବିଦ୍ୟୁତ୍ ସଂଯୋଗ ସହ ସମସ୍ତ କାର୍ଯ୍ୟ କରାଯାଇଛି। ଏ ସବୁ ସତ୍ତ୍ୱେ ମରାମତି ବାବଦକୁ ଏତେ ଟଙ୍କା କିପରି ଖର୍ଚ୍ଚ ହେଲା ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପାଳଙ୍କ ଅନୁମୋଦନ ଓ ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଛି। ମିଥ୍ୟା ବିଲ୍ ଭାଉଚର ପ୍ରସ୍ତୁତ କରାଯାଇନାହିଁ। ଯେଉଁ ଅନିୟମିତତା ଅଭିଯୋଗ ଉଠିଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି। ତେବେ ଏଥିନେଇ ଭିଜିଲାନ୍ସ ତଦନ୍ତ କରାଗଲେ ଏହି ଅନିୟମିତତା ଅଭିଯୋଗର ସତ୍ୟତା ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

# ଆବାସ ପାଇଁ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ ସରପଞ୍ଚ ସ୍ୱାମୀଙ୍କ ଦୁର୍ବ୍ୟବହାର

ବିଞ୍ଝାରପୁର,୧।୧୧(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ଅଧୀନ କଲ୍ୟାଣପୁର ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆସିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବା ପାଇଁ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ ସେ ଜଣେ ବୃଦ୍ଧଙ୍କ ଦୁର୍ବ୍ୟବହାର କରିଛନ୍ତି। ଏନେଇ ବୃଦ୍ଧ ଜଣଙ୍କ ଶୁକ୍ରବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, କଲ୍ୟାଣପୁର ସରପଞ୍ଚ ସୁଶ୍ରୀସଙ୍ଗିତା ନାୟକଙ୍କ ସ୍ୱାମୀ ସ୍ମୃତିରଞ୍ଜନ ନାୟକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରାଇ ଦେବାକୁ କହି ରୁଦ୍ରପୁର ଗ୍ରାମର ଚକ୍ରଧର ପତିଙ୍କଠାରୁ ଦୀର୍ଘ ୧ବର୍ଷ ପୂର୍ବରୁ ୧୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଚକ୍ରଧର ଆବାସ ନ ପାଇବାରୁ ସେ ଦେଇଥିବା ଟଙ୍କା ସ୍ମୃତିରଞ୍ଜନଙ୍କୁ ଫେରସ୍ତ ମାଗିଥିଲେ। ଟଙ୍କା ଫେରାଇବାରେ ସରପଞ୍ଚଙ୍କ ସ୍ୱାମୀ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଶେଷରେ ବୃଦ୍ଧ ଜଣଙ୍କ ସରପଞ୍ଚଙ୍କ ଘରକୁ ଆସି ଟଙ୍କା ଫେରସ୍ତ ପାଇଁ କହିଥିଲେ। ଏଥିରେ ସରପଞ୍ଚଙ୍କ ସ୍ୱାମୀ ଉତ୍‌କ୍ଷିପ୍ତ ହୋଇ ବୃଦ୍ଧ ଚକ୍ରଧରଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣା ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।



ଅଭିଯୋଗକାରୀ ଚକ୍ରଧର ପତି।

# ନାବାଳିକାଙ୍କ ଆତ୍ମହତ୍ୟା

ବ୍ରହ୍ମବରଦା,୧।୧୧(ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଥାନା ଅଞ୍ଚଳର ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଅର୍ଥଙ୍ଗା ପଞ୍ଚାୟତ ବଡ଼ଚଅପଇ ଗ୍ରାମର ନୀଳକଣ୍ଠ ବେହେରାଙ୍କ ଝିଅ ଦୀପିକା(୧୪)। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗୁରୁବାର ଦୀପାବଳି ଥିବାରୁ ଦୀପିକା ଦିନବେଳେ ଦୀର୍ଘ ସମୟ ଧରି ବାଣ ଫୁଟାଇବାରେ ବ୍ୟସ୍ତଥିଲେ। ଏହା ଦେଖି ତାଙ୍କ ମା' ଦୀପିକାଙ୍କୁ ପାଟି କରିଥିଲେ। ମା'ଙ୍କ କଥାକୁ ଦୀପିକା ସହି ନ ପାରି ପରିବାର ଲୋକଙ୍କ ଅଜାଣତରେ ନିଜ ଘରେ କବାଟ ବନ୍ଦ କରି ମା'ଙ୍କ ଶାଢ଼ିକୁ ଘର ଫ୍ୟାନ୍‌ରେ ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ପଶିଲାବେଳକୁ ଦୀପିକାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଘଟଣାସ୍ଥଳରେ ହିଁ ଦୀପିକାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏନେଇ ଥାନାରେ ନଂ.୧୦।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

# ଆୟୁଷ୍ମାନ୍ ଆରୋଗ୍ୟ ଶିବିର ଶୁଭାରମ୍ଭ

ରସୁଲପୁର,୧।୧୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରୁ ଆୟୁଷମାନ ଆରୋଗ୍ୟ ଶିବିର ଶୁଭାରମ୍ଭ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟଠାରେ ବଡ଼ରମ୍ପେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର ବିଭିନ୍ନ ବର୍ଗରୁ ୧୫୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ଉପସ୍ଥିତ ରହି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ବସନ୍ତ ପଣ୍ଡା ଶିବିରକୁ ପରିଚାଳନା କରିଥିବାବେଳେ କମ୍ୟୁନିଟ୍‌ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାସ, ଏଏନ୍‌ଏମ୍ ସାବିତ୍ରୀ ସେଠୀ ପ୍ରମୁଖ ଶିବିର ପରିଚାଳାନରେ ସହଯୋଗ କରିଥିଲେ। ପଞ୍ଚାୟତରେ କାର୍ଯ୍ୟରତ ଆଶା କର୍ମୀମାନେ ବିଭିନ୍ନ ଗ୍ରାମରୁ ରୋଗୀଙ୍କୁ ଆଣି ଶିବିର ସ୍ଥଳରେ ପହଞ୍ଚାଇବାରେ ସହଯୋଗ କରିଥିଲେ।

ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରାଇବା ପାଇଁ ପଞ୍ଚାୟତସ୍ତରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲାଯାଇଛି। ଉକ୍ତ କେନ୍ଦ୍ର ପରିଚାଳନା ପାଇଁ ଜଣେ ଲେଖାଏଁ କମ୍ୟୁନିଟ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିଯୁକ୍ତ ଦିଆଯାଇଛି। ସେମାନେ ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସରେ ଓପିଡି ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛନ୍ତି। ଏହାଛଡ଼ା ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ପ୍ରତ୍ୟେକ ମାସରେ ସ୍ୱାସ୍ଥ୍ୟ ଶିବିର ଓ ପ୍ରତିବର୍ଷ ମେଗା ସ୍ୱାସ୍ଥ୍ୟମେଳା ବ୍ୟବସ୍ଥା କରାଯାଉଛି। ଏହିକ୍ରମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଆୟୁଷମାନ ଭାରତ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଆରୋଗ୍ୟ ଶିବିର ଆୟୋଜନ ପାଇଁ ନିର୍ଦ୍ଦେଶ ରହିଛି। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୬ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ରହିଛି। ଏ ସମସ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିବିର ଆୟୋଜନ କରାଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।




ଭୋଟକା ପଞ୍ଚାୟତରେ ଅୟୁଷ୍ମାନ୍ ଆରୋଗ୍ୟ ଶିବିରରେ ଡାକ୍ତର ରୋଗୀ ଦେଖୁଛନ୍ତି।

# ବ୍ୟାସନଗର ମହାବିଦ୍ୟାଳୟରେ ଜାତୀୟ ଏକତା ଦିବସ




ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକତା ଦିବସ ପାଳନ କରାଯାଉଛି।

ଯାଜପୁରରୋଡ୍,୧।୧୧(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧ ଓଡ଼ିଶା ଏନ୍‌ସିସି ବାଟାଲିୟନ ଦ୍ୱାରା ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟରୁ ଏକ ସଚେତନତା ରାଲି ବାହାରି ଫେରୋକ୍ରୋମ ଗେଟ୍ ପର୍ଯ୍ୟନ୍ତ ଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ସବୁଜ ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି କ୍ୟାଡେଟମାନେ ରାଷ୍ଟ୍ରୀୟ ଏକତା ବୃଦ୍ଧି ପାଇଁ ସ୍ଲୋଗାନ ଦେଇଥିଲେ। ରାଲି ପରେ ମହାବିଦ୍ୟାଳୟର ସଭାଗୃହରେ ଏକ ସେମିନାର ଆୟୋଜନ ହୋଇଥିଲା। ଏନ୍‌ସିସି ଅଫିସର କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଏକତାର ଭାବ ହିଁ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରିବ ବୋଲି କହିଥିଲେ। ଛାତ୍ରୀଛାତ୍ର ରାଷ୍ଟ୍ରୀୟ ଏକତାକୁ ନିଜ ଜୀବନରେ ବ୍ରତ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନାରେ ସମସ୍ତ କ୍ୟାଡେଟ ଅଂଶଗ୍ରହଣକରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏନସିସି କ୍ୟାଡେଟମାନଙ୍କ ମଧ୍ୟରେ ଜାତୀୟ ଏକତାକୁ ଆଧାର କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆମ ଘର ଶିଶୁ ଯତ୍ନ ଗୃହଠାରେ ଦୀପାବଳି ପାଳିତ



ଚଣ୍ଡିଖୋଲ ଦୁଃଖର ସାଥୀ ପରିବାର ପକ୍ଷରୁ ଦୀପାବଳି ପାଳନ କରାଯାଉଛି।

ଚଣ୍ଡିଖୋଲ,୧।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣାସ୍ଥିତ ଶିଶୁ ଯତ୍ନ ଗୃହ ଆମ ଘର ପରିସରରେ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ଚଣ୍ଡିଖୋଲ ଦୁଃଖର ସାଥୀ ପରିବାର ପକ୍ଷରୁ ପ୍ରତିଷ୍ଠାତା ସର୍ବେଶ୍ୱର ବାରିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସଙ୍ଗଠନ ଉପଦେଷ୍ଟା ଅରୂପାନନ୍ଦ ଜେନାଙ୍କ ନିର୍ଦ୍ଦେଶକ୍ରମେ ସେକ୍ରେଟାରୀ ସନ୍ଦୀପ ଆନନ୍ଦ ଚୌଧୁରୀ ଓ କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ମାହାଲାଙ୍କ ନେତୃତ୍ୱରେ ସଙ୍ଗଠନର ସମସ୍ତ ସଦସ୍ୟ ବଡ଼ଚଣାସ୍ଥିତ ଆମ ଘର ବାଳାଶ୍ରମ ପିଲାମାନଙ୍କ ପାଖରେ ପହଞ୍ଚିଥିଲେ। ପିଲାମାନଙ୍କ ପାଇଁ ଖାଦ୍ୟ, ମହମବତି, ଚକୋଲେଟ, ବିସ୍କୁଟ ଓ ବାଣର ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ପିଲାମାନଙ୍କୁ ଖାଦ୍ୟ ଖାଇବା ପାଇଁ ଦିଆଗଲାପରେ ସେମାନଙ୍କ ସହ ଦୁଃଖର ସାଥୀ ପରିବାରର ସମସ୍ତ ସଦସ୍ୟ ବାଣ ଫୁଟାଇଥିଲେ।

# ଦୀପାବଳିକୁ ନେଇ ଦ୍ୱନ୍ଦ୍ୱ: ୨ ଦିନ ପାଳନ ହେଲା ପୟାଶ୍ରାଦ୍ଧ

ଧର୍ମଶାଳା,୧।୧୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଳିତଥର ୨ ଦିନ ଧରି ପୟାଶ୍ରାଦ୍ଧ ପାଳନ କରାଯାଇଛି। ପାଞ୍ଜି ଦ୍ୱନ୍ଦ୍ୱକୁ ନେଇ କେତେକ ଗୁରୁବାର ଦୀପାବଳି ପାଳନ କରିବା ସହ ବଡ଼ବଡ୍ଡୁଆଙ୍କୁ ଡାକିଥିଲେ ଏବଂ ଅନେକ ଶୁକ୍ରବାର ବଡବଡ୍ଡୁଆଙ୍କୁ ଡାକିଥିବା ଦେଖିବାକୁ ମିଳିଛି। ଦୀପାବଳି ଓ ପୟାଶ୍ରାଦ୍ଧକୁ ନେଇ ପାଞ୍ଜିରେ ଭିନ୍ନ ମତ ପ୍ରକାଶ ପାଇଥିବାବେଳେ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ବହୁଳ ଭାବେ ପୋଷ୍ଟ ହୋଇଥିଲା। ଯାହାକୁ ନେଇ ସାଧାରଣ ଲୋକେ ଭ୍ରମିତ ହୋଇଥିଲେ। ଦୀପାବଳିରେ ଏଭଳି ଦ୍ୱନ୍ଦ୍ୱ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ତେବେ ବାଣ ଦୋକାନୀମାନେ ଗୁରୁବାର ପର୍ଯ୍ୟନ୍ତ ପରମିସନ ଆଣିଥିବାରୁ ଶୁକ୍ରବାର ସମସ୍ତ ବାଣ ଦୋକାନ ବନ୍ଦ ହୋଇଯାଇଛି। କେତେକ ଲୋକ ଶୁକ୍ରବାର ସନ୍ଧ୍ୟା ୬ଟା ପୂର୍ବରୁ ବଡ଼ବଡ୍ଡୁଆଙ୍କୁ ଡାକିଥିବାବେଳେ ଅଉ କେତେକ ରାତିରେ ବଡବଡ୍ଡୁଆଙ୍କୁ ଡାକିଥିବା ଦେଖିବାକୁ ମିଳିଛି।

# ଇନ୍ଦିରା ଥିଲେ ବିଶ୍ୱନେତ୍ରୀ

ସିଂହପୁର,୧।୧୧(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଓ ଜରି ମଧ୍ୟସ୍ଥ ଇନ୍ଦିରା ଗାନ୍ଧୀ ଛକଠାରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ସଂଗଠକ ବିପିନ ବିହାରୀ ସାମଲ, ଚନ୍ଦ୍ରଶେଖର ଧଳ, ପ୍ରତାପ ଦାସ, ମହେଶ୍ୱର ଦାସ, ଜଳଧର ଜେନା, ଅଶ୍ୱିନୀ ସାମଲ, ସତ୍ୟରଞ୍ଜନ ପ୍ରଧାନ, ଶରତ ମହାଳିକ, ପ୍ରଶାନ୍ତ ଥାଟୋଇ, ନିମାଇଁ ସାମଲ, ପ୍ରଦୀପ ଜେନା, ଗଗନ ବିହାରୀ ମଲ୍ଲିକ, ବାସୁଦେବ ବାରିକ, ଶ୍ରୀଧର ମଲ୍ଲିକ, ରମେଶ ମଲିକ, ପ୍ରଫୁଲ୍ଲ ସାମଲ, ମଧୁ ସାହୁ, ବାବୁ ମହାଳିକ, ଧନେଶ୍ୱର ସାମଲ, ରମାକାନ୍ତ ମଲିକ, ବାବୁ ରାଉତ, ବ୍ରହ୍ମାନନ୍ଦ ଜେନା, ବସନ୍ତ ଥାଟୋଇ, ପ୍ରମୋଦ ସାମଲ, ବିଜୟ ମଲିକ, ରବିନାରାୟଣ ପତି ଓ କଳ୍ପତରୁ ମଲିକଙ୍କ ସମେତ ବହୁ କଂଗ୍ରେସ ସମର୍ଥକ ଯୋଗଦେଇ ଇନ୍ଦିରା ଜଣେ ନିର୍ଭୀକ, ଦୃଢ଼ମନା ତଥା ବିଶ୍ୱନେତ୍ରୀ ଭାବେ ପରିଚିତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ।



ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

## ପୁଣ୍ୟତୋୟା ପକ୍ଷରୁ ଦୀପାବଳି କବିତା ପାଠୋତ୍ସବ

ବରୀ,୧।୧୧(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲାର ଅନ୍ୟତମ ସାରସ୍ୱତ ଅନୁଷ୍ଠାନ ପୁଣ୍ୟତୋୟା ପକ୍ଷରୁ ଦୀପାବଳି ଅବସରରେ ରାଜାତୋଟାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠାନ ଉପସଭାପତି ଗୁରୁଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଜୟ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସମ୍ପାଦକ ସବିତା ନାୟକ, କବିତା ବରାଳ, ଶୁକଦେବ ପାତ୍ର, ଦୁଃଶାସନ ବେହେରା, ଚିନ୍ମୟଦତ୍ତ ପାଢ଼ୀ, ପ୍ରଫୁଲ୍ଲ ଦାସ, ଶମ୍ଭୁନାଥ ତ୍ରିପାଠୀ, ମନମୋହନ ପାଢ଼ୀ, ନମିତା ଓଝା, ଶୁଭଲକ୍ଷ୍ମୀ ରାୟ, ପ୍ରମିଳା ବିଶ୍ୱାଳ, ଅଞ୍ଜଳି ନାୟକ, ଅଜୟ କୁମାର ଜେନା, ବନିତା ବେହେରା, ସୁରେନ୍ଦ୍ର କୁମାର ସାହୁ ଓ ହୃଦାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଶିଶୁ ସାହିତ୍ୟିକ ଅଜୟ ଜେନା ଓ ଯୁବଶିକ୍ଷକ ଚିନ୍ମୟ ଦତ୍ତ ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମଦନ ମୋହନ ପତି ସାରସ୍ୱତ ସୃଷ୍ଟିରେ ନିମଗ୍ନ ରହୁଥିବା ସ୍ରଷ୍ଟାମାନେ ନିଜର ସଫଳ ସୃଷ୍ଟି ପାଇଁ କାଳଜୟୀ ହୋଇ ରୁହନ୍ତି ବୋଲି ପ୍ରକାଶ କରିଥିଲେ। ଶେଷରେ ସମ୍ପାଦକ ନାୟକ ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,୧।୧୧(ବଟକୃଷ୍ଣ ପରିଡା)

ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ପ୍ରଥମ ଶ୍ରାଦ୍ଧ ଉତ୍ସବ ତାଙ୍କ ଗ୍ରାମ ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦଠାରେ ପାଳିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ରାଜନେତା ଓ ଖବରଦାତା ଯୋଗଦେଇ ଲାବଣ୍ୟଙ୍କ ତ୍ୟାଗପୂତ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏବେ ଅର୍ଥବଳ, ବାହୁବଳ ଏବଂ ମିଥ୍ୟାପ୍ରତିଶ୍ରୁତି ରାଜନେତାଙ୍କ ପରିଚୟ ହୋଇଥିବାବେଳେ ଏସବୁର ଊର୍ଦ୍ଧ୍ୱରେ ରହି ଲାବଣ୍ୟ ରାଜନୀତି କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଅତିଥି ଭାବେ ଯୋଗଦେଇ ରବି ଲାବଣ୍ୟ ଗୋଟିଏ ଦଳରେ ରହି ଜୀବନ କାଟିଥିଲେ। ବାରମ୍ବାର ଟିକେଟରୁ ବଞ୍ଚିତ ହୋଇଥିଲେ ମଧ୍ୟ ଦଳ ବଦଳ କରି ନ ଥିଲେ। ସେ ଜଣେ ଅଗ୍ନିବର୍ଷି ବକ୍ତା ଥିଲେ। ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ରାଜ୍ୟ ଖଦିବୋଡର ପୂର୍ବତନ ସଭାପତି ରମାରଞ୍ଜନ ବଳିଆରସିଂ, ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, ବରିଷ୍ଠ ଖବରଦତା ପ୍ରଦୋଷ ପଟ୍ଟନାୟକ, ଉତ୍କଳ ପ୍ରସଂଗର ପୂର୍ବତନ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗଦେଇ ଲାବଣ୍ୟଙ୍କ ଭୂମିକା, ବ୍ୟକ୍ତିତ୍ୱ, ନିଷ୍ଠା ଓ ସର୍ବୋପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଥିବା ତାଙ୍କର ଅନୁରକ୍ତିକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥିମାନେ ଲାବଣ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମର ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ହରିଶଙ୍କର ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍ମରଣିକା 'ସ୍ୱାଭିମାନ'ର ଦ୍ୱିତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାମାଜିକ କର୍ମୀ କାହ୍ନୁଚରଣ ଦାଶ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଡ. ପ୍ରଶାନ୍ତ ସ୍ୱାଇଁ, ଆଇନଜୀବୀ ଦେବରାଜ ବେହେରା, ବ୍ରଜକିଶୋର ଦାଶ, ଅଧ୍ୟାପକ ବିଜୟକେତନ ସାମଲ, ଡ. ପ୍ରିୟନାଥ ମହାପାତ୍ର, ଶ୍ରମିକ ନେତା ନୃସିଂହ ମିଶ୍ର, ଗୋଲକ ପଲାଇ ଓ ପ୍ରେମଲତା ମହାରଣା ପ୍ରମୁଖ ଲାବଣ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଅଭିମନ୍ୟୁ ଧଳ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।



ରବି ଲାବଣ୍ୟଙ୍କ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥି ସ୍ମରଣିକା 'ସ୍ୱାଭିମାନ'ର ଦ୍ୱିତୀୟ ଭାଗ ଉନ୍ମୋଚନ କରୁଛନ୍ତି।

# ଭାଇଚାରାର ସ୍ୱତନ୍ତ୍ର ନିଦର୍ଶନ ଓଳାଭରର କାଳୀପୂଜା

ରାଜକନିକା, ୧।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ଓଳାଭରର ମା’ ଶ୍ୟାମାକାଳୀଙ୍କ ଶକ୍ତିପୀଠ ରହିଛି। ଏହି ପୀଠ ୧୯୪୬ରେ ଆରମ୍ଭ ହୋଇଥିବା କିମ୍ବଦନ୍ତୀ କୁହେ। ଏଠାରେ ଦୀର୍ଘ ୭୮ ବର୍ଷ ହେବ ମା’ ଶ୍ୟାମାକାଳୀ ପୂଜା ପାଇଆସୁଛନ୍ତି। କାଳୀପୂଜା ସମୟ ଆସିଲେ ଚଳ ଚଞ୍ଚଳ ହୋଇଉଠେ ବ୍ଲକର ଓଳାଭର ଅଞ୍ଚଳ। ଓଳାଭର ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହେଉଥିବା ଏହି ପୂଜା ୧୫ ଦିନ ଧରି ଚାଲେ। ମା’ଙ୍କ ପୂଜାବିଧି ନୀତକାନ୍ତି ଅନୁଯାୟୀ ହୋଇଥାଏ। ପୂଜା ଆରମ୍ଭରୁ ଅଞ୍ଚଳର ଆଠପାଟଣାରେ ଥିବା ସମସ୍ତ ଗ୍ରାମ ଦେବତୀଙ୍କୁ ନିମନ୍ତ୍ରଣ ପୂର୍ବକ ଆବାହନ କରାଯାଇ ନିଆରା ପରମ୍ପରା ସୃଷ୍ଟି କରାଯାଉଛି। ଅମାବାସ୍ୟାରେ ମଙ୍ଗଳ କଳସ ଯାତ୍ରାରେ ଅଞ୍ଚଳର ସମସ୍ତେ ସାମିଲ ହୋଇଥାନ୍ତି। ଏଥି ସହ ପାଲା ଓ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଭଳିକି ଭଳି ଖାଇବା ଦୋକାନ, ମନୋହରୀ ଦୋକାନ ସାଙ୍ଗକୁ ମୀନା ବଜାର, ବିଭିନ୍ନ ପ୍ରକାର ଦୋକାନ ଏଠାରେ ପସରା ମେଲାଇଥାନ୍ତି। ଏଠାରେ ଚରକା, ବ୍ରେକ୍‌ଡ୍ୟାନ୍ସ, ମଦ୍ କା କୁଆଁ, ରାମଦୋଳି ଯେମିତିକି ବାଲିଯାତ୍ରାର ସ୍ମୃତି ଆଣି ଦେଇଥାଏ। ଆଇନ ଶୃଙ୍ଖଳାକୁ ଏଡ଼ାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଫାଣ୍ଡି କରାଯାଇ ଜିଲାରୁ ଫୋର୍ସ ମଗାଯାଇଥାଏ। ମା’ଙ୍କ ପୂଜା ପାଇଁ ପ୍ରବାସୀମାନେ ବିଦେଶରୁ ଛୁଟି ନେଇ ଗାଁକୁ ଆସିଥାନ୍ତି। ଘରେ ଘରେ କୁଣିଆଙ୍କର ଭିଡ଼ ପରିଲକ୍ଷିତ ହୁଏ। ବିଶେଷ ଭାବେ ଓଳାଭର କାଳୀ ପୂଜା ଏକ ଭାଇଚାରା ଓ ନିଆରା ଅନୁଭୂତି ଦେଖିବାକୁ ମିଳେ। କାରଣ ଏହି ପୂଜା ହିନ୍ଦୁ-ମୁସଲମାନ ଭାଇମାନେ ମିଳିମିଶି ପୂଜା ଆୟୋଜନ କରିଥାନ୍ତି।

ସାଧାରଣଙ୍କ ମତରେ ପୂଜା ପାଉଥିବା ସ୍ଥାନଟି ଶ୍ମଶାନ ଥିଲା। ଜଟା ବାବାଜୀ ନାମକ ଜଣେ ସାଧୁ ଏଠାରେ ମା’କାଳୀଙ୍କ ସାଧନା ଓ ଆରାଧନା କରୁଥିଲେ। ତେବେ ମା’ଙ୍କ ସ୍ୱପ୍ନାଦେଶରେ ମୂର୍ତ୍ତି କରି ପୂଜା କରିବାକୁ କହିଥିଲେ। ବାବା ସ୍ୱପ୍ନାଦେଶ ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ତେବେ ଗ୍ରାମବାସୀ ଉତ୍ସାହ ସହକାରେ ମା’ଙ୍କ ପୂଜା ପାଇଁ ଏକ ଚାଳଘର ନିର୍ମାଣ କରି ମାଟିରେ ଏକ ମୃଣ୍ମୟୀ ମୂର୍ତ୍ତି ତିଆରି କରି ମା’ଙ୍କ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଆଜିଯାଏ ମା’ ଏଠାରେ ପୂଜା ପାଇ ଆସୁଥିଲେ। ପରବର୍ତ୍ତୀ ସମୟରେ ଓଳାଭର ଯୁବକ ସଂଘ ଆୟୋଜନରେ ୧୯୯୬ ମସିହାରୁ ମା’ଙ୍କର ମାର୍ବଲ ସ୍ଥାୟୀ ମୂର୍ତ୍ତି ନିର୍ମାଣ କରାଯାଇ ସୁସଜ୍ଜିତ ଓ ସୁନ୍ଦର ମନ୍ଦିରରେ ଏବେ ପୂଜା ପାଉଛନ୍ତି। ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଆଳି ଓ ରାଜନଗର ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଏହା ଦେଖିବାକୁ ଆସିଥାନ୍ତି। ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ମା’ କାଳୀ ପ୍ରତ୍ୟକ୍ଷ ଦେବୀ। ଏଠାରେ ଯେ କେହି ମାନସିକ ଯାଚିଥାନ୍ତି, ମା’ ତାଙ୍କ ମନସ୍କାମନା ପୂରଣ କରିଥାନ୍ତି। ମା’ଙ୍କ ମନ୍ଦିରକୁ ଲାଗି ଶିବ ମନ୍ଦିର କରାଯାଇଛି। ଏହି ମନ୍ଦିରରେ ପ୍ରତ୍ୟହ ମା’ଙ୍କ ରୀତିନୀତି ଅନୁଷ୍ଠିତ ହୋଇଥାଏ। ପ୍ରଥମେ ଆରମ୍ଭ ହୋଇଥିବା କାଳୀପୂଜା କମିଟିର ସଭାପତି ଭାବେ ରତ୍ନାକର ବେହୁରା ଓ ସମ୍ପାଦକ ଭାବେ ସେକ୍ କରାମତ୍ ଅଲ୍ଲୀ ମନୋନୀତ ହୋଇଥିଲେ। ଯେଉଁ ସମୟରେ ସାରା ଭାରତ ବର୍ଷରେ ହିନ୍ଦୁ ଓ ମୁସଲମାନ ମଧ୍ୟରେ ବିବାଦ ଦେଖୁଥିବା ବେଳେ, କିନ୍ତୁ ଅବିଭକ୍ତ କଟକ ଜିଲାର ରାଜକନିକାର ଓଳାଭରଠାରେ ହିନ୍ଦୁ-ମୁସଲମାନମାନେ ଭାଇଭାଇ ହୋଇ ମିଳିମିଶି ନିଆରା ଢଙ୍ଗରେ କାଳୀପୂଜା ସମ୍ପାଦନ କରିଥିଲେ। ଓଡ଼ିଶାର ଏକ ଆଧାତ୍ମିକ କ୍ଷେତ୍ର ଭାବେ ପରିଚିତ ଓଳାଭରର ମା’ ଶ୍ୟାମାକାଳୀଙ୍କ ପୀଠ। ତେବେ ପର୍ଯ୍ୟାୟକ୍ରମେ ଏହାର କର୍ମକର୍ତ୍ତା ବଦଳିଛନ୍ତି।

### ଧରାବତରଣ କଲେ ମା’ ଶ୍ୟାମାକାଳୀ



### ଏମାନେ କୁହନ୍ତି...



“ଆମ ଅଞ୍ଚଳର ମା’କାଳୀଙ୍କ ପୂଜା ନିଆରା। ହିନ୍ଦୁ-ମୁସଲମାନ ଭାଇଙ୍କର ଶ୍ରଦ୍ଧା-ଭକ୍ତି ଓ ଆବେଗ ଭାବ ଭରି ହୋଇଥାଏ। ସେଥିପାଇଁ ଆମର ଏହି ପୂଜା ସ୍ୱତନ୍ତ୍ର।
-ପ୍ରଫୁଲ୍ଲ ପୃଷ୍ଟି, ସଭାପତି, ଓଳାଭର ଯୁବକ ସଂଘ



“ସେକ୍ କରାମତ୍ ଅଲ୍ଲୀ ଜଣେ ମୁସଲମାନ ସମ୍ପ୍ରଦାୟର ହୋଇ ଏ ଅଞ୍ଚଳରେ ମଧ୍ୟ ମା’ଙ୍କ ପୂଜା ଆରମ୍ଭ କରି ଏକ ନିଆର ବାର୍ତ୍ତା ଦେଇଛନ୍ତି।
-ଶ୍ରୀନିବାସ ଓଝା, ସାଧାରଣ ସମ୍ପାଦକ, ଓଳାଭର ଯୁବକ ସଂଘ



“ମା’ଙ୍କ ପୂଜାରେ ଆମେ ସାମିଲ ହୋଇ ଆତ୍ମସନ୍ତୁଷ୍ଟି ମିଳିବା ସହ ଗର୍ବ ଅନୁଭବ କରୁ।
-ସେକ୍ କୁରବାନ ଅଲ୍ଲୀ, ସଭ୍ୟ, ଓଳାଭର ଯୁବକ ସଂଘ



“ମୁଁ ଜଣେ ମୁସଲମାନ ସମ୍ପ୍ରଦାୟର ହୋଇ ମଧ୍ୟ ମା’ଙ୍କ ଆଶ୍ରିତ। ମା’ଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଓ ଭରସା ରହିଛି। ଆମ ସମ୍ପ୍ରଦାୟ ଉପରେ ସଦା ମା’ଙ୍କ କୃପାଦୃଷ୍ଟି ଅଛି, ଯାହା ଆମେ ମର୍ମେ ମର୍ମେ ଅନୁଭବ କରୁଛୁ, କରୁଥିବୁ ମଧ୍ୟ।
-ଜାଭେଦ ବକ୍ସ, ସଭ୍ୟ, ଓଳାଭର ଯୁବକ ସଂଘ

## ସଂକ୍ଷେପରେ

### ଗାଡ଼ିଆରେ ବୁଡ଼ି ଯୁବକ ମୃତ

ମାର୍ଶାଘାଇ, ୧।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ବଡ଼ବଡୁଆ ଡାକିବା ପାଇଁ କଇଁପତ୍ର ଆଣିବାକୁ ଯାଇଥିବା ଜଣେ ଯୁବକଙ୍କ ଗାଡ଼ିଆରେ ବୁଡ଼ି ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତର ବିଜ୍ଞାନ ବେହେରାଙ୍କ ପୁଅ ଶିବଶଙ୍କର(୨୦)। ପୂର୍ବାହ୍ନ ୧୦ଟାରେ ଶିବ ବଡ଼ବଡୁଆ ଡକା ପାଇଁ ନିକଟସ୍ଥ ଗାଡ଼ିଆକୁ କଇଁପତ୍ର ଆଣିବାକୁ ଯାଇଥିଲେ। ପତ୍ର ତୋଳୁଥିବା ବେଳେ ଗୋଡ଼ ଖସିଯାଇଥିଲା। ଫଳରେ ସେ କଇଁନାଡ଼ରେ ଗୁଡ଼େଇ ହୋଇଯାଇ ବୁଡ଼ି ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବହୁସମୟ ପରେ ପାଣି ଉପରେ ସେ ଭାସିଥିଲେ। ତାଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟକୁରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଥିବା ଥାନା ସୂତ୍ରରୁ ପ୍ରକାଶ।

### ବିଧବା ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ଯୁବକ ଗିରଫ

ରାଜକନିକା, ୧।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳରେ ଜଣେ ବିଧବା ମହିଳାଙ୍କ ସହ ସେହି ଗାଁର ସୁଶାନ୍ତ ମଲିକ ଓରଫ୍ ଲୁଲୁ ବିବାହର ପ୍ରଲୋଭନ ଦେଖାଇ ମହିଳାଙ୍କ ସହ ୫ ବର୍ଷ ହେବ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ହେଲେ ଏବେ ମହିଳାଙ୍କୁ ବିବାହ କରିବାକୁ ସୁଶାନ୍ତ ମନା କରି ଦେଇଥିଲେ। ଉଭୟଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ମହିଳା ଜଣକ ବିବାହ କରିବାକୁ ଜିଦ୍ ଧରିଥିଲେ। ଯୁବକ ଜଣକ ମହିଳାଙ୍କୁ ମାଡ଼ ମାରିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ସାପ କାମୁଡ଼ାରେ ୫ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ମହିଳାଙ୍କର ୨ଟି ଛୋଟ ଝିଅ ଅଛନ୍ତି। ସୁଶାନ୍ତ ମଧ୍ୟ ବିବାହିତ। ତାଙ୍କର ସ୍ତ୍ରୀ ଓ ପିଲା ଘରେ ଅଛନ୍ତି। ବିଧବା ମହିଳାଙ୍କୁ ଭଲ ପାଇ ବିବାହ କରିବାକୁ କହି ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ମିଳିଥିବା ଟଙ୍କା ନେବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏବେ ସୁଶାନ୍ତ ଓ ବିଧବା ମହିଳାଙ୍କ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହା ଏକ ମିଛ ଓ ତାଙ୍କୁ ମନ୍ଦ ଉଦ୍ଦେଶ୍ୟରେ ଫସେଇ ଦିଆଯାଇଥିବା ସୁଶାନ୍ତ କହିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ. ୪୪୩/୨୪ରେ ମାମଲା ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଆଇ ଗୌରୀମଣି ମୁର୍ମୁ ସୂଚନା ଦେଇଛନ୍ତି।



### ଅଗ୍ନିକାଣ୍ଡରେ ୩ ଗାଈ ଜୀବନ୍ତ ଦଗ୍ଧ

କେନ୍ଦ୍ରାପଡ଼ା, ୧।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଚକ୍ରୋଡା ପଞ୍ଚାୟତ ନରିଲୋ ଗ୍ରାମର ତ୍ରୈଲୋକ୍ୟନାଥ ନାୟକଙ୍କ ୩ଟି ଗାଈ ଅଗ୍ନିକାଣ୍ଡରେ ଗୁରୁବାର ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୁହାଳ ଘରେ ଆକସ୍ମିକ ନିଆଁ ଲାଗି ଯିବା ଫଳରେ ଏପରି ଦୁର୍ଘଟଣା ହୋଇଛି। ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ହୋଇଥିଲା। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଏହି ଗୁହାଳ ସମ୍ପୂର୍ଣ୍ଣ ପୋଡ଼ିଯାଇଛି।

# ୧୫ ଅତ୍ୟାଧୁନିକ ସୋଲାର ଭାସମାନ ବଇଁଆ







ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ସୀମା ଚିହ୍ନଟ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତିରେ ନିର୍ମିତ ଭାସମାନ ୧୫ଟି ସୋଲାର ବଇଁଆ। ବାଲେଶ୍ୱର ଅଞ୍ଚଳର ଟ୍ରଲର।

ମହାକାଳପଡ଼ା, ୧।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଅଲିଭ୍‌ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନଭେମ୍ବର ୧ ତାରିଖଠାରୁ ମେ ମାସ ଶେଷ ପର୍ଯ୍ୟନ୍ତ ଏହି ୭ ମାସ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ବେଆଇନ ପ୍ରବେଶ କରି ଟ୍ରଲର, ବୋଟଗୁଡ଼ିକ ଗାଞ୍ଜି ଜାଲରେ ଛନ୍ଦି ହୋଇ କଇଁଛମାନଙ୍କ ଜୀବନ ଯାଉଛି । ଏଥିପ୍ରତି ପ୍ରତିବର୍ଷ ବନ ବିଭାଗ, ସାମୁଦ୍ରିକ ଥାନା, ସାମୁଦ୍ରିକ ମତ୍ସ୍ୟ ବିଭାଗ, ତଟରକ୍ଷୀ ବାହିନୀ ମିଳିତ ସହଯୋଗରେ ସମୁଦ୍ର ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି ବୋଲି ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣା କହିଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଉଷ୍ମ ଶୀତତାପ ବାଲୁକା ଶଯ୍ୟାକୁ ଅଲିଭ୍ ରିଡଲେ ଆଗମନ କରିଥାନ୍ତି। ଅଣ୍ଡାଦାନ ସମୟରେ ବଫର ଓ କୋର୍ ଜୋନ ସୀମାରେ ବନ ବିଭାଗ ପକ୍ଷରୁ ୧୫ଟି ଅତ୍ୟାଧୁନିକ ଯନ୍ତ୍ରପାତିରେ ନିର୍ମିତ ଭାସମାନ ବଇଁଆ ତଥା ଫାଇବର ସୋଲାର ଲାଇଟ୍ ସଂଯୋଗ ସହ ସମୁଦ୍ରରେ ସୀମା ଚିହ୍ନଟ କରାଯାଇଛି। ଏହି କୋର ଅଞ୍ଚଳରେ ରାତିରେ ସ୍ୱୟଂ ଚାଳିତ ସୋଲାର ଲାଇଟ୍ ଦୃଶ୍ୟମାନ ହୁଏ। ତେବେ ଏହି କୋର ଜୋନ ଉଲ୍ଲଂଘନ କଲେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କଇଁଛ ଅଣ୍ଡାଦାନ ପ୍ରକ୍ରିୟା ସମୟରେ ବଡ଼ ବଡ଼ ମାଛ ଧରା ଟ୍ରଲରରେ ଗାଞ୍ଜି ଜାଲରେ ଛନ୍ଦି ହୋଇ ଅକାଳରେ କଇଁଛମାନଙ୍କ ଜୀବନ ଯାଉଛି।

- ଚିହ୍ନଟ ସୀମା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ
- କଇଁଛ ସୁରକ୍ଷା ପାଇଁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ୭ ମାସ କଟକଣା

ଏମାନଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ କର୍ମଚାରୀମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ଏକକୁଳା ନାଶି, ବାବୁବାଲି , ହୁକିଟୋଲା, ମାଦଳିଠାରେ କ୍ୟାମ୍ପ କରାଯାଇ ବନ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ପୂର୍ବ ବର୍ଷରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ପ୍ରବେଶ କରି ୪୧ଟି ମାଛ ଧରା ଟ୍ରଲର, ବୋଟ ଜବତ ହେବା ସହ ୪ ଶହରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିବା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ମହାରଣା କହିଛନ୍ତି। ଚଳିତବର୍ଷ କଟକଣାକୁ ଜୋରଦାର ଜାରି କରାଯାଇଛି। ବିଶେଷ କରି ବାଲେଶ୍ୱର, ଧାମରା, ବଳରାମଗଡ଼ି, କଷାଫଳ, ଦୀଘା , ପଶ୍ଚିମବଙ୍ଗ ଓ ଆନ୍ଧ୍ର ଅଞ୍ଚଳର ମାଛ ଧରା ଟ୍ରଲରଗୁଡ଼ିକ ଏହି ଅଞ୍ଚଳରେ ବେଆଇନ ପ୍ରବେଶ କରି ମାଛ ଧରିବା ସମୟରେ ବଡ଼ ବଡ଼ ଗେଞ୍ଜା ଜାଲରେ ଅଲିଭ ରିଡ଼ଲେ କଇଁଛମାନଙ୍କ ଜୀବନ ଯାଉଛି ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ ଓ ପରିବେଶ ପ୍ରେମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଦେବାଶିଷ ତ୍ରିପାଠୀ ହାଇକୋର୍ଟର ନୂଆ ଏଜିଏ

ପଟ୍ଟାମୁଣ୍ଡାଇ, ୧।୧୧ (କଳ୍ପତରୁ ନାୟକ)



ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଦେବାଶିଷ ତ୍ରିପାଠୀ ରାଜ୍ୟ ସରକାରଙ୍କ ନୂଆ ଅତିରିକ୍ତ ସରକାରୀ ଆଇନଜୀବୀ (ଏଜିଏ) ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଦେବାଶିଷ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ସେ ଭାରତ ସରକାରଙ୍କ ଷ୍ଟାଣ୍ଡିଂ କାଉନ୍‌ସେଲ ଭାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ହୋଇ କାର୍ଯ୍ୟ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରଥମ ସର୍ବ କନିଷ୍ଠ ଆଇନଜୀବୀ ଭାବେ ଏହି ପଦବୀ ପାଇଥିବାରୁ ଅଞ୍ଚଳର ଆଇନଜୀବୀ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି। ସେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମର ସ୍ୱର୍ଗତ ଚକ୍ରଧର ତ୍ରିପାଠୀ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କର ଏକମାତ୍ର ପୁତ୍ର। ସେ ଜଣେ ଦକ୍ଷ, ସଚ୍ଚୋଟ ଓ ଅନୁଭବୀ ତଥା କୋର୍ଟ ମାମଲା ପରିଚାଳନାରେ ପାରଙ୍ଗମ ଥିବା ନେଇ ସରକାରୀ ଓକିଲ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଜଣେ ଲେଖକ ଭାବେ ଅଞ୍ଚଳ ତଥା ରାଜ୍ୟରେ ତାଙ୍କର ସୁନାମ ରହିଛି।

## ଗଣବଳାତ୍କାର ଘଟଣାରେ ୨ ଯୁବକ ଫେରାର

ମହାକାଳପଡ଼ା, ୧।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

### ପୋଲିସର ତଦନ୍ତ, ପରିବାରର ନ୍ୟାୟ ଦାବି

ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିବା ନେଇ ଅକ୍ଟୋବର ୨୦ରେ ପୀଡ଼ିତାଙ୍କ ମା’ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ହେଲେ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ମିଳିଥିବା ସୂଚନା ଅନୁସାରେ ଉକ୍ତ ଦିନ ରାତି ୧୦ଟାରେ ନାବାଳିକା ବାଡ଼ି ପଛ ପଟେ ବାସନ ମାଜୁଥିବା ବେଳେ ଉକ୍ତ ଗ୍ରାମର ମଧୁ ମଲିକ ଓ ମଙ୍ଗୁଳି ମଲିକ ତାଙ୍କୁ ଟେକି ନେଇଥିଲେ। ପରେ ମଙ୍ଗୁଳି ବଳାତ୍କାର କରିଥିବା ବେଳେ ମଧୁ ଫଟୋ ଭିଡିଓ ଉଠାଉ ଥିଲେ। କାହାକୁ କହିଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ ବୋଲି ପୀଡ଼ିତାଙ୍କ ମା’ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି। ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କଠାରୁ ପ୍ରକାଶ। ଅପରପକ୍ଷରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ନଂ. ୧୪୮/୨୪ରେ ମାମଲା ରୁଜୁ କରିଛି। ଅସମର୍ଥ ସୂତ୍ରରୁ ପ୍ରକାଶ ୨ଯୁବକ ରାଜ୍ୟ ବାହାରେ ଆତ୍ମଗୋପନ କରୁଥିବା ଖବର ମିଳିଛି। ଗିରଫ ପାଇଁ ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

## ଆଶାକର୍ମୀ ଶିବାନୀଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ଆଶା କର୍ମୀ ଶିବାନୀ ମଣ୍ଡଳଙ୍କ ଘରେ ପହଞ୍ଚି ବିଧାୟକ ଧ୍ରୁବ ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୧।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଖାସମୁଣ୍ଡା ଗ୍ରାମର ଆଶା କର୍ମୀ ଶିବାନୀ ମଣ୍ଡଳ ବାତ୍ୟା ‘ଦାନା’ ସମୟରେ ଅତୁଳନୀୟ ସାହସ ପ୍ରଦର୍ଶନ କରି ବିପର୍ଯ୍ୟୟ ସମୟରେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ବୋହି ଆଣିଥିଲେ। ବୃଦ୍ଧାଙ୍କୁ ପିଠିରେ ବୋହି ଦେଢ଼ କିମି କାଦୁଅ ରାସ୍ତାରେ ବାତ୍ୟା ଆଶ୍ରୟସ୍ଥଳ ଯାଏ ଆଣିଥିଲେ। ତାଙ୍କର ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଧାୟକ ଧ୍ରୁବ ସାହୁ ତାଙ୍କ ଘରେ ପହଞ୍ଚି ସମ୍ବର୍ଦ୍ଧନା ଦେବା ସହ ଏପରି କାର୍ଯ୍ୟ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ, ଯୁବ ବିଜେଡି ସଭାପତି ଆର୍ତ୍ତ ବନ୍ଧୁ ମହାନ୍ତି, କୁରୁଣ୍ଟି ସେବା ସମବାୟ ସମିତି ସଭାପତି ଶ୍ରୀକାନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ କାଳିପଦ ପାତ୍ର, ସପନ ମଣ୍ଡଳ, ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲରେ ଘରୋଇ ଗ୍ୟାସ୍ ବ୍ୟବହାର

ପଟ୍ଟାମୁଣ୍ଡାଇ, ୧।୧୧ (କଳ୍ପତରୁ ନାୟକ)

### ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

ସରକାରୀ ତୈଳ କମ୍ପାନୀଗୁଡ଼ିକ ମାସର ପ୍ରଥମ ଦିନରେ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ସମୀକ୍ଷା କରନ୍ତି। ସେଥିନେଇ ଶୁକ୍ରବାରଠାରୁ ନୂଆ ମାସ ଆରମ୍ଭ ହେଉଥିବାରୁ ନଭେମ୍ବର ୧ରୁ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଛି। ଏ ନେଇ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର କମର୍ସିଆଲ ଗ୍ୟାସ ବ୍ୟବହାରକାରୀ ହୋଟେଲଗୁଡ଼ିକୁ କୌଣସି ଫରକ ପଡ଼ିନାହିଁ। କାରଣ ସେମାନେ ଗ୍ୟାସ ବିତରଣକାରୀ ଲୋକାଲ ଡିଲରଙ୍କୁ ହାତ କରି ଘରୋଇ ଏଲପିଜି ଗ୍ୟାସ ବ୍ୟବହାର କରୁଛନ୍ତି। ସହରରେ ଚାଲୁଥିବା ହୋଟେଲ, ମିଠା, ଭଜିଆ, ଠେଲା ଏବଂ ସ୍ନାକ୍ସ ଦୋକାନଗୁଡ଼ିକରେ ଘରୋଇ ଏଲପିଜି ସିଲିଣ୍ଡର ବ୍ୟବହାର ହେଉଛି। ତେବେ ଏହା ନିୟମକୁ ବିରୋଧ କରୁଥିବାବେଳେ ଏଲପିଜିର ଅପବ୍ୟବହାରକୁ ରୋକିବାକୁ ସ୍ଥାନୀୟ ପ୍ରଶାସନ ଏବଂ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଘରୋଇ ସିଲିଣ୍ଡର ପାଇବାରେ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।

ଗ୍ୟାସ ହିତାଧିକାରୀ ଲଳିତା ନାୟକ କହିଛନ୍ତି, ଘରୋଇ ଏଲପିଜି ସିଲିଣ୍ଡର ଯାହା ରୋଷେଇ ଘରେ ବ୍ୟବହାର କରାଯିବା ଉଚିତ ତାହା ଏବେ ହୋଟେଲ, ଢାବା କିମ୍ବା ରେଷ୍ଟୁରାଣ୍ଟରେ ଲାଗୁଛି। ହିତାଧିକାରୀ ବୁକିଂ କଲା ପରେ ମଧ୍ୟ ସିଲିଣ୍ଡର ପାଇବାକୁ ସମୟ ଗଡ଼ିଚାଲିଛି। ଏହାର ପ୍ରମୁଖ କାରଣ ହେଉଛି ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡରକୁ ହୋଟେଲ ବ୍ୟବସାୟରେ ବ୍ୟବହାରରେ ଲଗାଯାଉଛି। ଫଳରେ ହିତାଧିକାରୀମାନେ ଠିକ୍ ସମୟରେ ଗ୍ୟାସ ପାଇପାରୁନାହାନ୍ତି। ଅନ୍ୟପକ୍ଷରେ ବାଣିଜ୍ୟକ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ବହୁତ ପାର୍ଥକ୍ୟ ଥିବାରୁ ଘରୋଇ ସିଲିଣ୍ଡରର କଳା ମାର୍କେଟିଂ ଏକ ବଡ଼ ଧରଣର ଚାଲିଛି। ବ୍ଲାକ୍ ମାର୍କେଟିଂରେ ରୋଜଗାର ବୃଦ୍ଧି ହେଉଥିବାରୁ ଏଜେନ୍ସି ଏବଂ ସେମାନଙ୍କର ବିକ୍ରେତାମାନେ ଏଥିରେ ଜଡ଼ିତ ରହି ଏପରି କରୁଥିବା ଅଭିଯୋଗ ହେଉଛି। ଏହି କାରଣରୁ ଗ୍ରାହକମାନେ ସିଲିଣ୍ଡର ପାଇଁ ଚିନ୍ତିତ ରହୁଛନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଘରୋଇ ଗ୍ୟାସ ସିଲିଣ୍ଡରର ଓଜନ ୧୪.୨ କି.ଗ୍ରା. ଏବଂ ବ୍ୟବସାୟିକ ସିଲିଣ୍ଡରର ଓଜନ ୧୯ କି.ଗ୍ରା.। ଉଭୟ ସିଲିଣ୍ଡରର ମୂଲ୍ୟରେ ବହୁତ ପାର୍ଥକ୍ୟ ଅଛି। ଘରୋଇ ସିଲିଣ୍ଡରର ମୂଲ୍ୟ ୮୨୯ ଟଙ୍କା ଥିବାବେଳେ ୧୯ କି.ଗ୍ରା. ବାଣିଜ୍ୟକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧୯୨୯ ଟଙ୍କା ରହିଛି। ଏହି ୨ଟି ସିଲିଣ୍ଡର ମଧ୍ୟରେ ୧୧୦୦ ଟଙ୍କା ପାର୍ଥକ୍ୟ ଥିବାବେଳେ ଗ୍ୟାସର ଓଜନରେ ସାମାନ୍ୟ ପାର୍ଥକ୍ୟ ଅଛି। କଳାବଜାରୀମାନେ ମୂଲ୍ୟର ପାର୍ଥକ୍ୟର ଲାଭ ଉଠାଉଛନ୍ତି। ଖୋଲା ବଜାରରେ ଘରୋଇ ସିଲିଣ୍ଡର ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ଯଦି ହୋଟେଲ କିମ୍ବା ଢ଼ାବା ମାଲିକମାନେ ୧୯୦୦ ଟଙ୍କା ବଦଳରେ ୧୪୦୦ ଟଙ୍କାରେ ସିଲିଣ୍ଡର ପାଆନ୍ତେ, ତେବେ ସେମାନେ ୫୦୦ ମୁନାଫା ପଉଥିବାବେଳେ ଡିଲର ୬୦୦ ଲାଭ ପାଉଛନ୍ତି। ଘରୋଇ ସିଲିଣ୍ଡରର ବ୍ୟବହାର ୧୫ ରୁ ୩୦ ପ୍ରତିଶତକୁ ବୃଦ୍ଧି ପାଇଛି। ସମସ୍ତ ପ୍ରକାରର ଲୋକ ଏଥିରେ ଅନ୍ତର୍ଭୁକ୍ତ। ଏହା ବେଆଇନ ଏଜେଣ୍ଟ ହେଉ କିମ୍ବା ଏଜେନ୍ସି ବିକ୍ରେତା ହୁଅନ୍ତୁ ସେମାନେ ରେଷ୍ଟୁରାଣ୍ଟ, ଢାବା, ଚା ଦୋକାନ ଏବଂ ରାସ୍ତା କଡ଼ରେ ଥିବା ହୋଟେଲରେ ବ୍ୟବସାୟିକ ସିଲିଣ୍ଡର ବିକ୍ରି କରାଯାଉଛି। ବୁଦ୍ଧିଜୀବୀ ଭୀମସେନ ପ୍ରଧାନ, ରବୀନ୍ଦ୍ର ଭଞ୍ଜ, ରାଜେନ୍ଦ୍ର ଦାଶ ପ୍ରମୁଖ କହିଛନ୍ତି, ବେଆଇନ ଏଜେଣ୍ଟମାନେ ଘରୋଇ ଗ୍ୟାସକୁ ଏକ ପାଇପ ସାହାଯ୍ୟରେ ବ୍ୟବସାୟିକ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରୁଛନ୍ତି। ସେମାନେ ଏଥିରୁ ବିପୁଳ ଲାଭ ଅର୍ଜନ କରଛନ୍ତି। କେତେକ ଏଜେନ୍ସି ବିତରକମାନେ ମଧ୍ୟ ସିଲିଣ୍ଡରର କଳା ମାର୍କେଟିଂରେ ଜଡ଼ିତ ଥିବା କୁହାଯାଉଛି। ଏଜେଣ୍ଟମାନେ ଘରୋଇ ସିଲିଣ୍ଡର ଗ୍ୟାସକୁ ବ୍ୟବସାୟିକ ଟାଙ୍କିରେ ଭରନ୍ତି ଏବଂ ଏହାକୁ ୧୪୦୦-୧୫୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଏଥିଯୋଗୁ ହିତାଧିକାରୀଙ୍କୁ ସିଲିଣ୍ଡର ପାଇଁ ଅନେକ ଦିନ ଅପେକ୍ଷା କରିବାକୁ ପଡୁଛି। ଏ ନେଇ ଜିଲା ଯୋଗାଣ ବିଭାଗକୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ପଚାରିବାରେ ଏପରି ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।



ହୋଟେଲରେ ବ୍ୟବହୃତ ହେଉଥିବା ଘରୋଇ ଗ୍ୟାସ୍ ସିଲିଣ୍ଡର।

## ସଂକ୍ଷେପରେ

### ଆହତ ବାଣାକାରଙ୍କ ମୃତ୍ୟୁ

**ତରବାଲୋ ଗାଁରେ ବାଣ ପ୍ରସ୍ତୁତି ବେଳେ ଅଗ୍ନିକାଣ୍ଡ ଘଟଣା**

ନୟାଗଡ଼/ଭାପୁର,୧।୧୧(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ ଜିଲା ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଉପରସାହିରେ ବାଣ ପ୍ରସ୍ତୁତି ବେଳେ ଅଗ୍ନିକାଣ୍ଡରେ ଆହତ ହୋଇ ଚିକିତ୍ସାଧୀନ ବାଣାକାର ଧନେଶ୍ୱର ଦଳେଇ(୫୫)ଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଧନେଶ୍ୱରଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ି ଯାଇଥିଲା। ସେ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅନ୍ୟପକ୍ଷେ ଧନେଶ୍ୱରଙ୍କ ଛାତ ଘରର କାନ୍ଥ ଭାଙ୍ଗି ଯାଇଥିବାବେଳେ ଆସବାବପତ୍ର ଜଳି ଯାଇଥିଲା। ଖବରପାଇ ଫତେଗଡ଼ ପୋଲିସ ଚଢ଼ାଉ କରି କିଛି ବାଣ ଜବତ କରିଥିଲା। ଅନ୍ୟପକ୍ଷେ ଏକ ମାମଲା କରି ଘଟଣାର ତଦନ୍ତ କରୁଛି।

### ଦୀପାବଳିରେ ଅଘଟଣ

ନୟାଗଡ଼/ଭାପୁର, ୧।୧୧(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ଫତେଗଡ଼ ଥାନା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବଡ଼ସାହିରେ ଦୀପାବଳିରେ ଦୁଃଖଦ ଘଟଣା। ଦୀପାବଳିରେ ଚାଲିଗଲା ଜଣେ ଧର୍ମପରାୟଣ ମହିଳାଙ୍କ ଜୀବନ। ବିଜିପୁର ଗ୍ରାମ ବଡ଼ସାହିର ଆନନ୍ଦ ପରିଡ଼ାଙ୍କ ସ୍ତ୍ରୀ ବେଙ୍ଗ ପରିଡ଼ା (୫୪) ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୋକାକୁଳ ପରିବେଶରେ ବିଜିପୁର ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି। ତାଙ୍କ ବଡ଼ପୁଅ ଜଗନ୍ନାଥ ପରିଡ଼ା ମୁଖାଗ୍ନି ଦେଇଥିଲେ।

### ୧୨ ଫୁଟର ଅହିରାଜ ଉଦ୍ଧାର

ଦଶପଲ୍ଲା,୧।୧୧ (ପ୍ରକାଶ କୁମାର ପାଣି)

ଶୁକ୍ରବାର ଦଶପଲ୍ଲା ବ୍ଲକ ଟାକେରା ନିକଟସ୍ଥ ମିଟୁକୁଲୀଗାମ ନିକଟରୁ ଏକ ୧୨ ଫୁଟିଆ ଅହିରାଜ ସାପକୁ ଉଦ୍ଧାର କରାଯାଇଛି। ଟାକେରା ବନ ବିଭାଗ ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ ଉକ୍ତ ସାପଟିକୁ ଉଦ୍ଧାର କରାଯାଇଥିଲା। ଗ୍ରାମ ନିକଟରେ ସାପଟି ଥିବା ଖବର ଲୋକମାନଙ୍କଠାରୁ ପାଇ ଟାକେରା ଫରେଷ୍ଟର ରାଜେଶ କୁମାର ସାହୁ ସଦଳବଳେ ସେଠାରେ ପହଞ୍ଚି ସାପଟିକୁ ଧରିବା ସହ ବାଇସିପଲ୍ଲୀ ଜଙ୍ଗଲରେ ଛଡ଼ାଯାଇଥିଲା ବୋଲି ଫରେଷ୍ଟରଙ୍କ ସୂତ୍ରରୁ ଜଣାଯାଇଛି।

### ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା

ନୟାଗଡ଼,୧।୧୧(ଲୋକନାଥ ମିଶ୍ର)

ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ୬୮ ତମ ବିଦ୍ୟାଳୟସ୍ତରୀୟ ଚେସ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଥିରେ ୭ଟି ଜିଲା ବଲାଙ୍ଗୀର, ଦେବଗଡ଼, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, ସୋନପୁର ଓ ସୁନ୍ଦରଗଡ଼କୁ ଛାଡ଼ି ଦେଲେ ରାଜ୍ୟର ନୟାଗଡ଼ ସମେତ ୨୩ ଜିଲା ଓ ଭୁବନେଶ୍ୱର ଖେଳ ଶିକ୍ଷା ଜିଲାର ୯୨ ଛାତ୍ର, ୬୮ ବାଳିକା, ପରି ମୋଟରେ ୧୬୦ ଜଣ ଭାଗ ନେଇଛନ୍ତି। ସେହିଭଳି ୪୨ ଜଣ ମ୍ୟାନେଜର, ୨୯ ଜଣ ରାଜ୍ୟ ଲୋକାଲ ଅଫିସର ମଧ୍ୟ ସାମିଲ ହୋଇଥିଲେ। ଉଦ୍‌ଯାପନ ଦିବସରେ ମାଧ୍ୟମିକ ଶିକ୍ଷା ପରିଷଦର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜଗତ୍‌ସିଂହପୁରର ପୂର୍ବତନ ଡିପିଓ ବିଦ୍ୟାଧର ପ୍ରଧାନ, ଯାଜପୁରର ପୂର୍ବତନ ଡିପିଓ ଶମ୍ଭୁନାଥ ଦାସ, ନୟାଗଡ଼ର ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଫୁଲ୍ଲ ସାହୁ, ତ୍ରିନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଭାସ୍କର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦେଶୀଗାଈ ସଂଖ୍ୟା ହ୍ରାସ ଡାକି ଆଣିଛି ବିପତ୍ତି

ନୟାଗଡ଼,୧।୧୧(ଲୋକନାଥ ମିଶ୍ର)

- ବଂଶ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଆଇନ ଅଣାଯାଉ
- ରାଜ୍ୟ ବଜେଟରେ କରାଯାଉ ଅର୍ଥ ବ୍ୟୟ ବରାଦ
- ଗୋ ସମ୍ପଦ ହ୍ରାସ ପରେ ବଢ଼ିଛି ରୋଗ
- ଗାଁ ଗହଳିରେ ଆଉ ଗୋରୁ ଗୋଠ ଦେଖିବାକୁ ମିଳୁନି
- ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହେଲା ନବ ନିର୍ମାଣ କୃଷକ ସଙ୍ଗଠନ

ଗାଁ ଗହଳିରେ ଆଉ ଗାଈ ଗୋଠ ଦେଖିବାକୁ ମିଳୁନି। ଦେଶୀଗାଈଙ୍କ ସଂଖ୍ୟା ହ୍ରାସ ଡାକି ଆଣିଛି ବିପତ୍ତି। ଗୋ ସମ୍ପଦ ହ୍ରାସ ପରେ ବଢ଼ିଛି ରୋଗ। ଗାଈ ବଂଶ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଆଇନ ଅଣାଯାଉ। ଦେଶୀଗାଈ ବଂଶକୁ ବୃଦ୍ଧି ପାଇଁ ରାଜ୍ୟ ବଜେଟରେ ଅର୍ଥ ବ୍ୟୟ ବରାଦ କରାଯାଉ ବୋଲି ଦାବି ରଖି ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ରଣଜିତ ଦଳବେହେରା, ଆଇନଜୀବୀ ସଂସାରୀ ସାହୁ, ନାଥ ପ୍ରଧାନ, ଅଜୟ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁସାରେ, ଭାରତୀୟ ସଂସ୍କୃତିରେ ଦେଶୀଗାଈର ମହତ୍ୱପୂର୍ଣ୍ଣ ସମ୍ପୃକ୍ତି ରହିଛି। ଗୋମାତାଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ପୂଜା କରାଯାଏ। ଗାଈ କ୍ଷୀରରୁ କ୍ଷୀର, ଦହି, ଲହୁଣି, ଘିଅର ଚାହିଦା ରହିଛି। ପୁଣି ଜୈବିକ କୃଷି ପ୍ରଣାଳିରେ ଗାଈ ଓ ଗୋମୂତ୍ରର ମହତ୍ୱପୂର୍ଣ୍ଣ ସ୍ଥାନ ରହିଛି। ସେଥିପାଇଁ ରାଜ୍ୟ ସରକାର ଦେଶୀ ଗାଈକୁ ଗୋମାତା ଓ ରାଜମାତାର ମାନ୍ୟତା ଦିଅନ୍ତୁ। ଗାଈର ପାଳନ ପୋଷଣ ଓ ଗୋଖାଦ୍ୟ ପାଇଁ ଚାଷୀମାନଙ୍କୁ ଅର୍ଥ ଦେବାର ବ୍ୟବସ୍ଥା କରନ୍ତୁ। ଗାଈର ସ୍ୱାସ୍ଥ୍ୟର ଯତ୍ନ ସରକାର ନିଶୁଳ୍କ ଭାବରେ କରନ୍ତୁ। ଗାଈର ପରିପୋଷଣ ପାଇଁ ଗୋପାଳକଙ୍କୁ ମାସକୁ ମାସ ଅର୍ଥ ଦେବାର ବ୍ୟବସ୍ଥା କରାଯାଉ। ଗୋବଂଶର ସୁରକ୍ଷା ନ କଲେ ସମାଜ ପାଇଁ ଶୁଭଙ୍କର ନୁହେଁ। ଆଗଭଳି ଆଉ କ୍ଷୀର, ଦହି, ଛେନା, ଘିଅ ମିଳୁନାହିଁ। ଯେଉଁ କ୍ଷୀର, ଦହି, ଛେନା କିଣିକରି ଖାଉଛେ ତାହା ବିଭିନ୍ନ ପ୍ରକାର ରାସାୟନଯୁକ୍ତ ମିଶ୍ରଣରୁ ତିଆରି। ଗୋବରକୁ ନେଇ ଆଉ ପ୍ରାକୃତିକ ସାର ବିଲରେ ପକାଯାଉନି। ଗୋବଂଶ ହ୍ରାସ ପାଇବା ପରେ ଗୋବର ମିଳୁନି। ରାସାୟନିକ ସାର ବ୍ୟବହାର ଦ୍ୱାରା ତାହା ଖାଦ୍ୟଶସ୍ୟ ପନିପରିବାରେ ଓ ବାୟୁମଣ୍ଡଳରେ, ପାଣିରେ ମିଶୁଛି। ବାୟୁମଣ୍ଡଳରୁ ବିଷ ଯୁକ୍ତ ନିଃଶ୍ୱାସ ପ୍ରଶ୍ୱାସ ନେଉଛେ। ଆମେ ପିଉଥିବା ପାଣିରେ ରାସାୟନିକ ସାର ମିଶି ରହୁଛି। ରାସାୟନିକ ସାର ଯୋଗୁ ଆଉ ଖାଦ୍ୟ ସ୍ୱାଦ ଲାଗୁନାହିଁ। ପ୍ରତିଦିନ ମଣିଷ ବିଷ ଖାଉଛି। ଖାଦ୍ୟ, ପାନୀୟ ଓ ବାୟୁ ପ୍ରଦୂଷିତ ହେବା ଯୋଗୁ ୨୫ ରୁ ୩୦ ବର୍ଷ ବ୍ୟକ୍ତିଙ୍କୁ ହାର୍ଟ ପ୍ରୋବ୍ଲେମ୍, ଡାଇବେଟିସ୍, ଲିଭର ଡ୍ୟାମେଜ, କିଡନୀ ରୋଗଭଳି ଅନେକ ପ୍ରକାର ରୋଗ ହେଉଛି। ପୁଣି ବ୍ଲଡ୍‌ପ୍ରେସର, ଗ୍ୟାଷ୍ଟ୍ରିକ ଭଳି ରୋଗ ଘରେ ଘରେ ବ୍ୟାପିଲାଣି। ଆଗରୁ ଲୋକେ ଧାନ, ଜାଇ, ଚାଉଳ ସାଇତିକରି ରଖୁଥିଲେ। ଏବେ ଘରେ ଘରେ ଔଷଧ ସାଇତିକରି ରଖୁଛନ୍ତି। ରୋଗ ବାବଦରେ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରୋଗକୁ ବାଏ ବାଏ କରିବାକୁ ହେଲେ ଗୋ ସମ୍ପଦକୁ ପ୍ରାଧାନ୍ୟ ଦେଇ ଦେଶୀଗାଈ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନେବା ଜରୁରୀ। ଏଭଳିସ୍ଥଳେ ଜିଲାରେ ୨ ଲକ୍ଷ ୪ ହଜାର ୨୨୮ ଦେଶୀ ଗାଈ ରହିଥିବା ୨୦୧୯ ଗୋରୁ ଗଣନା ରିପୋର୍ଟ କୁହୁଛି। ୨୦୨୪ରେ ପୁଣି ଗୋରୁ ଗଣନା ହେବା ପରେ ଜଣାପଡ଼ିବ ଦେଶୀ ଗାଈଙ୍କ ସଂଖ୍ୟା କେତ ରହିଛି। ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ଦଳବେହେରା କୁହନ୍ତି, ଚାଷ ପ୍ରତି ଚାଷୀ ମୁହଁ ମୋଡ଼ିବାରେ ଲାଗିଛନ୍ତି। ଏଭଳିସ୍ଥଳେ ଦେଶୀଗାଈ, ବଳଦକୁ ମଧ୍ୟ ଆଉ ଘରେ ଘରେ ପାଳନ କରାଯାଉନାହିଁ। ଯେଉଁ କିଛି ରହିଛନ୍ତି ସେମାନଙ୍କ ପାଇଁ ସରକାରୀ ସହାୟତା ନ ଥିବାରୁ ବିକ୍ରି ଚାଲିଛି। ଆଗେ ଘରେ ଘରେ ଗାଈ ଥିଲେ। ଏବେ ଘରେ ଘରେ କୁକୁର ରଖୁଛନ୍ତି। ଗାଈ ସଂଖ୍ୟା ହ୍ରାସ ଯୋଗୁ ପରିବେଶ ଉପରେ ଏହାର ପ୍ରଭାବ ପଡ଼ିଛି। ଯଦ୍ୱାରା ଆମେ ରୋଗୀଣା ହୋଇ ଚାଲିଛେ। ଏଣୁ ଏବେଠାରୁ ଦେଶୀଗାଈ ସଂଖ୍ୟା ବୃଦ୍ଧି ପାଇଁ ଚେଷ୍ଟା କରା ନ ଗଲେ ଭବିଷ୍ୟତରେ ବିପତ୍ତି ହିଁ ବିପତ୍ତି ଦେଖାଯିବ। ନୂଆଗାଁର ଚାଷୀ ରମଣୀ ବେହେରା, ଗଣିଆର ହେମନ୍ତ ପ୍ରଧାନ, ନୟାଗଡ଼ର ସବିତା ସାହୁ କୁହନ୍ତି, ସରକାରଙ୍କ ଗୁହାଳ ଯୋଜନା ଅଣଚାଷୀ ଫାଇଦା ନେଉଛନ୍ତି। ସରକାର ଦେଶୀ ଗାଈ ବଦଳରେ ବିଦେଶୀ ଗାଈ ପଛରେ ପଡ଼ିଛନ୍ତି। ଗୋପାଳକ ଓ ଗାଈ ଚାଷୀକୁ ଅଣଦେଖା କରୁଛନ୍ତି। ଏଣୁ ଦେଶୀ ଗାଈ ବହିରେ ଛବି ହେବାକୁ ଯାଉଛି ବୋଲି କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦେଶୀଗାଈ ବଂଶବୃଦ୍ଧି ପାଇଁ ସ୍ମାରକପତ୍ର ଦିଆଯାଉଛି।

## ଘର ଛାତ ଉପରେ ବଗିଚା କରି ପ୍ରାଣକୃଷ୍ଣ ଅନ୍ୟଙ୍କ ପାଇଁ ପ୍ରେରଣା

ଖଣ୍ଡପଡା,୧।୧୧ (ଅଜୟ କୁମାର ମହାରଣା)

ଏବେ ସହରୀ ଢାଞ୍ଚାରେ ଅନେକ ବ୍ୟକ୍ତି ନିଜ ଘର ଛାତ ଉପରେ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ରୋପଣ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ତେବେ ଏପରି ଏକ କାର୍ଯ୍ୟ କରିବାରେ ଖଣ୍ଡପଡ଼ା ସହର ୨ ନଂ. ୱାର୍ଡର ପ୍ରାଣକୃଷ୍ଣ ଦାସ(୭୫) ତାଙ୍କ ବାସଗୃହ ଛାତ ଉପରେ ଏକ ଫୁଲ ଫଳ ବଗିଚା ସୃଷ୍ଟି କରି ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଦାସ ପେଶାରେ ଜଣେ ରାଜମିସ୍ତ୍ରି ହୋଇଥିବା ବେଳେ ନିଶା କିନ୍ତୁ ତାଙ୍କର ବାଡ଼ି ବଗିଚାରେ ବିଭିନ୍ନ କିସମର ଫୁଲ, ଫଳ ଗଛ ଲଗାଇବା। ଦାସ ନିଜ ଦୁଇ ବଖରା ଘର ଛାତ ଉପରେ କୁଣ୍ଡରେ ବିଭିନ୍ନ ପ୍ରକାର ଫୁଲ ଫଳ ଓ ଔଷଧୀୟ ଗଛ ଲଗାଇଥିବାବେଳେ ଜୈବିକ ସାର ପ୍ରୟୋଗ କରି ଛୋଟ ଛୋଟ ଗଛରେ ବାଇଗଣ, ଶିମ୍ୱ, ଲେମ୍ବୁ, କାକୁଡ଼ି, ଭେଣ୍ଡି, ଜହ୍ନି , ମଟର ଆଦି ଫଳ ଫଳାଇବାରେ ସକ୍ଷମ ହୋଇଛନ୍ତି। ପରିଣତ ବୟସରେ ଦାସ ଛାତ ଉପରେ ଏକ ସୁନ୍ଦର ବଗିଚା ସୃଷ୍ଟି କରି ପାରିଥିବା ବେଳେ ଏଥି ନିମନ୍ତେ ତାଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। ଆଖପାଖ ଅଂଚଳର ଜନସାଧାରଣ ଫୁଲ ଫଳ ବଗିଚାକୁ ଦେଖିବାକୁ ଦାସଙ୍କ ବାସଗୃହ ଛାତ ଉପରେ ଭିଡ଼ ଜମାଉଛନ୍ତି। ଘରର ଛାତ ଉପରେ ଏବେ ସେ ୧ ହଜାରରୁ ଊର୍ଦ୍ଧ୍ୱ ଛୋଟ ଛୋଟ ଗଛ ଲଗାଇଛନ୍ତି। ଦାସଙ୍କ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।



ଛାତ ଉପରେ ପ୍ରାଣକୃଷ୍ଣ କରିଥିବା ଫୁଲ,ଫଳ ଚାଷ।

## ନୂଆପଲ୍ଲୀରେ ସବର୍ଣ୍ଣ ଅସବର୍ଣ୍ଣ ଗୋଷ୍ଠୀ ସଂଘର୍ଷ

**ଉଭୟପକ୍ଷର ୧୦ରୁ ଊର୍ଦ୍ଧ୍ୱ ଆହତ, ୧୪ ଜେଲ ଗଲେ**

ନୟାଗଡ଼/ଭାପୁର,୧।୧୧(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଦୁର୍ଦ୍ଧୁରା ପଞ୍ଚାୟତ ନୂଆପଲ୍ଲୀ ଗାଁରେ ଗୁରୁବାର ରାତିରେ ସବର୍ଣ୍ଣ ଅସବର୍ଣ୍ଣ ଗୋଷ୍ଠୀ ସଂଘର୍ଷ ଘଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ଉଭୟପକ୍ଷର ୧୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ୧୪ଜଣଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ନୂଆପଲ୍ଲୀ ଗାଁରେ ସୁବାସ ସାହୁଙ୍କ ବାପାଙ୍କ ଦଶାହ ଭୋଜି ଥିଲା। ଭୋଜି ଚାଲିଥିବାବେଳେ ଭୋଜିକୁ ଡକା ଯାଇ ନ ଥିବା ଘଟଣାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ବିବାଦ, କଥା କଟାକଟି ହୋଇଥିଲା। ପରେ ମାରପିଟ୍ ଘଟି ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏ ନେଇ ଉଭୟପକ୍ଷର ଅଭିଯୋଗକ୍ରମେ ନଂ.୨୬୨/୨୪ ଓ ୨୬୩/୨୪ରେ ମାମଲା ରୁଜୁ ହୋଇଛି।

## ଡାକ୍ତର ଅଭାବ: ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ

ଖଣ୍ଡପଡ଼ା,୧।୧୧(ଅଜୟ କୁମାର ମହାରଣା)

ପ୍ରାଣୀ ସମ୍ପଦର ସୁରକ୍ଷା ନେଇ ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗ କାର୍ଯ୍ୟ କରୁଛ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବର୍ଷବର୍ଷ ଧରି ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ଗୋପାଳକ ଜରୁରୀ କାଳୀନ ପରିସ୍ଥିତିରେ ଆବଶ୍ୟକ ସୁବିଧା ପାଇ ପାରୁନାହାନ୍ତି। ସନ ୧୯୫୦ରେ ଖଣ୍ଡପଡ଼ା ସହରର ୧ନଂ. ୱାର୍ଡରେ ପ୍ରାଣୀ ଚିକିତ୍ସାଳୟଟି ପ୍ରତିଷ୍ଠା କରାଯାଇଥିଲା। ଏଠାରେ ୪ଟି ଡାକ୍ତର ପଦବୀ ଥିବାବେଳେ କଣ୍ଟିଲୋ ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଡ. ଶ୍ୱେତପଦ୍ମା ଷଡଙ୍ଗୀ ଏକମାତ୍ର ଡାକ୍ତର ଭାବେ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଜଣେ ମାତ୍ର ମହିଳା ଡାକ୍ତର କଣ୍ଟିଲୋ ଓ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟର ଦାୟିତ୍ୱ ତୁଲାଉ ଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସା ବଳୟ ଅଧୀନରେ ୬ ଟି ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର କାର୍ଯ୍ୟ କରୁଛି। ଜଣେ ମାତ୍ର ଡାକ୍ତର ୨ଟି କାର୍ଯ୍ୟାଳୟର ଦାୟିତ୍ୱ ସମ୍ଭାଳୁ ଥିବାରୁ ଭ୍ରାମ୍ୟମାଣ୍ୟ ପ୍ରାଣୀ ଚିକିତ୍ସ ବାଧା ପ୍ରାପ୍ତ ହେଉଛି। ଉପରୋକ୍ତ ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀ ଓ ଜିଲା ପ୍ରଶାସନ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ କେହି ହେଲେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଇତି ମଧ୍ୟରେ ୮୩ ଜଣ ନୂତନ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଦୈନିକ ୨୫ରୁ ୩୦ ଜଣ ଗୋପାଳକ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର, କର୍ମଚାରୀ ପଦବୀ ପୂରଣ ପାଇଁ ଦାବି ହେଉଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ବସନ୍ତ କୁମାର ବେହେରା କହିଛନ୍ତି, ପୂର୍ବରୁ ଖଣ୍ଡପଡ଼ାରେ ଥିବା ଡା. ସୁଦାମ ଚରଣ ନାୟକ ଅନ୍ୟତ୍ର ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଡାକ୍ତରଙ୍କୁ (ବିଭିଓ)ଙ୍କୁ ଅବସ୍ଥାପିତ କରାଯିବ। ମାତ୍ର ସମ୍ପୃକ୍ତ ଡାକ୍ତର ପିଜି କରିବାକୁ ଯାଇଥିବା ବେଳେ ଡିସେମ୍ବରରେ ତାଙ୍କର ପିଜି ଶିକ୍ଷା ସମ୍ପନ୍ନ ହୋଇଯିବ। ଡିସେମ୍ବରରେ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

## ପାରିବାରିକ କଳହ: ସ୍ୱାମୀ ବିଷପାନକରି ଆତ୍ମହତ୍ୟା

ନୟାଗଡ଼/ଭାପୁର, ୧।୧୦(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତରେ ପବିତ୍ର ଦୀପାବଳିରେ ଦୁଃଖଦ ଘଟଣା ଘଟିଛି। ଧାର କରଜ ଟଙ୍କାକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗିଥିଲା। ପରେ ସ୍ୱାମୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଗୋଳାପୋଖରୀ ଗ୍ରାମ ତଳସାହିର ଛବି ସାହୁଙ୍କ ଏକମାତ୍ର ପୁଅ ଚନ୍ଦନ କୁମାର ସାହୁ କଳାପଥର ଅଞ୍ଚଳରେ ବିବାହ କରିଥଲେ। ଗୋଳାପୋଖରୀ ଛକରେ ଏକ ପନିପରିବା ଦୋକାନ ଦେବାସହ ସାଇକେଲରେ ଗାଁ ଗହଳିରେ ପନିପରିବା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ବାପା, ମାଆ, ସ୍ତ୍ରୀ ଓ ଗୋଟିଏ ୨ବର୍ଷର ପୁଅକୁ ନେଇ ସଂସାର। ଧାର କରଜ ଟଙ୍କାକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଯୋଗୁ ସ୍ତ୍ରୀ ରାଗରେ ବାପା ଘର କଳାପଥର ଯାଇଥିଲେ। ସକାଳ ପାଇଲେ ଦୀପାବଳି। ଗୋଦାମରେ ବାକି ଟଙ୍କା ସୁଜିବା ପାଇଁ ଚନ୍ଦନ ନିଜ ଆଲମାରୀ ଖୋଲିଥିଲେ। ସେଥିରେ ବ୍ୟବସାୟୀମାନଙ୍କୁ ପରିଶୋଧ ପାଇଁ ରଖିଥିବା ସମସ୍ତ ଟଙ୍କା ତାଙ୍କ ସ୍ତ୍ରୀ ନେଇ ଯାଇଥିବା ଜାଣିବାକୁ ପାଇବା ପରେ ଶ୍ୱଶୁର ଘରକୁ ଯାଇଥିଲେ। ସ୍ତ୍ରୀ ଟଙ୍କା ଦେବାକୁ ମନା କରିଦେବାରୁ ଚନ୍ଦନ ନିଜ ଗ୍ରାମକୁ ଫେରିଥିଲେ। କେମିତି ମହାଜନମାନଙ୍କୁ ଟଙ୍କା ସୁଜିବେ ଏହା ଭାବି ଶେଷରେ ଆତ୍ମହତ୍ୟା ବାଟକୁ ବାଛି ନେଇଥିଲେ। ବିଷ ପିଇ ଆମ୍ବତୋଟରେ ଶୋଇ ପଡ଼ିଥିଲେ। ବିଷକ୍ରିୟା ପରେ ବାନ୍ତି କରୁଥିବା ବେଳେ ଗ୍ରାମର କେତେଜଣ ଯୁବକ ପହଞ୍ଚି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିଲେୟ। ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶରେ ଗୋଳାପୋଖରୀ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଥିଲା।

## ଓଡ଼ଗାଁରେ ବିଜେଡିର ପଦଯାତ୍ରା

ଓଡ଼ଗାଁ, ୧।୧୧ (ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ପ୍ରଭୁ ରଘୁନାଥଙ୍କ ମନ୍ଦିରଠାରୁ ବୁଧବାର ଅପରାହ୍ନରେ ହଜାର ହଜାର କର୍ମୀଙ୍କ ଗହଣରେ ବିଜେଡି ପକ୍ଷରୁ ପଦଯାତ୍ରା ସହର ପରିକ୍ରମା କରି ଦଳକସ୍ଥିତ ଗୟଳସିଂହ ମନ୍ଦିର ପରିସରରେ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଡବଲ ଇଞ୍ଜିନ ସରକାର ପ୍ରିୟାପ୍ରୀତି ତୋଷଣକୁ କଡ଼ା ସମାଲୋଚନା କରିବା ସହ ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଭାଜପା ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ବିଜେଡି ସରକାର ସମୟରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ସରକାର ଅହରହ ସୁବିଧା ଯୋଗାଇ ଦେଉଥିଲେ। ଏବେ ୪ମାସର ସରକାର ବାଉଳି ଚାଉଳି ହୋଇ କାର୍ଯ୍ୟ କରୁଛନ୍ତି। ବିଜେଡି ସରକାରଙ୍କ ସମୟରେ ଯେତେସବୁ କାର୍ଯ୍ୟ ହୋଇଛି ତାକୁ ସରକାର ମାନୁଛନ୍ତି। ଲୋକଙ୍କ ସହ ବିଜେଡି ସରକାର ସବୁବେଳେ ରହି କାମ କରୁଥିବା କହିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଭାଜପା ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ଭାଜପା ସରକାର ଲୋକଙ୍କ କାମ କରିବାରେ ବିଫଳ ହୋଇଛି। କାମ ଆମ ବିଜେଡି ସରକାରଠାରୁ ଶିଖନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ସୁବାସ ଚନ୍ଦ୍ର କଅଁରଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ କର୍ମୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## କାର୍ ସହ ୬ କେଜି ଗଞ୍ଜେଇ ଜବତ

ନୟାଗଡ଼/ଭାପୁର, ୧।୧୦(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ଫତେଗଡ଼ ଥାନା ପଥରଚକଡ଼ା ପଞ୍ଚାୟତର ମାଧପୁର ଛକ ନିକଟରୁ ପୋଲିସ କାର ସହ ୬ କେଜି ଗଞ୍ଜାଇ ଜବତ କରିଛି। ଏହି ଘଟଣାରେ ଫତେଗଡ଼ ଥାନା ଲକ୍ଷ୍ମୀପ୍ରସାଦ ଗ୍ରାମ ମନ୍ଦିର ସାହିର ସୁଶାନ୍ତ କୁମାର ସାହୁ (୪୩) ଓ ଖଣ୍ଡପଡ଼ା ଥାନା କଣ୍ଟିଲୋ ବାପୁଜୀ ନଗର ଗ୍ରାମର ବିକାଶ ଚନ୍ଦ୍ର ପାତ୍ର(୪୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜମିନ ନାମଞ୍ଜୁର ପରେ ଜେଲ ହାଜତକୁ ପଠା ଯାଇଛି। ଏସ୍‌ଆଇ ଅଶୋକ କୁମାର ମଲ୍ଲିକ ଓ ପୋଲିସ କର୍ମଚାରୀ ପଥରଚକଡ଼ା ପଞ୍ଚାୟତ ମାଧପୁର ଛକରେ ଗୁରୁବାର ଗାଡ଼ି ଚେକିଂ କରୁଥିଲେ। ଏହି ସମୟରେ କଣ୍ଟିଲୋ ପାର୍ଶ୍ୱରୁ କାର ନଂ. ଓଡି ୦୨ ସିଏକ୍ସ ୯୦୫୩ ଦ୍ରୁତଗତିରେ ମାଡ଼ିଆସିଥିଲା। ଗାଡ଼ି ଉପରେ ସନ୍ଦେହ ହେବାରୁ ଗାଡ଼ି ଚେକିଂ ସମୟରେ ଗାଡ଼ି ଦ୍ରୁତଗତିରେ ଘଟଣାସ୍ଥଳରୁ ଯିବାବେଳେ ପୋଲିସ ପିଛା କରି କାରକୁ ଜବତ କରିଥିଲେ। କାର ଭିତରୁ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଗଞ୍ଜେଇ ସହ କାର ଓ ଗୋଟିଏ ମୋବାଇଲ ଜବତ କରିବା ସହ ୨ଜଣ ଯୁବକଙ୍କୁ ଅଟକ ରଖିଥିଲେ। ମାଜିଷ୍ଟ୍ରେଟ ତହସିଲଦାର ଅର୍ଜୁନ କୁମାର ପ୍ରଧାନଙ୍କ ଉପସ୍ଥିତରେ ଗଞ୍ଜେଇ ଓଜନ ହୋଇଥିବା ବେଳେ ଥାନାରେ ନଂ. ୨୮୦/୨୪ରେ ମାମଲା ରୁଜୁ ହୋଇଛି।



ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

## ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ଓଡ଼ଗାଁ, ୧।୧୧ (ଆଦର୍ଶ କୁମାର ପଟ୍ଟନାୟକ)

ଏକଦା ସତୁରୀ ଦଶନ୍ଧିରେ ନାରୀ ଶିକ୍ଷା ନିମନ୍ତେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଅବିଭକ୍ତ ପୁରୀ ଜିଲାର ଓଡଗାଁ ରାଧାକାନ୍ତ ବାଳିକା ହାଇସ୍କୁଲ ବିଳମ୍ବିତ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି। ମଙ୍ଗଳ ଓ ବୁଧବାର ଆୟୋଜିତ ହୋଇଥିବା ଉତ୍ସବ ଏକ ରକମ ମହୋତ୍ସବରେ ପରିଣତ ହୋଇଥିଲା। ୨ ଦିନ ଧରି ଆୟୋଜିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ସୌଦାମିନୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉଦ୍‌ଟନୀ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରେନ୍ଦ୍ର କୁମାର ନନ୍ଦ ଓ ପୁରାତନ ଛାତ୍ରୀ ତଥା ସାମାଜିକ କର୍ମୀ ପ୍ରଭାସିନୀ ନନ୍ଦ ମଞ୍ଚାସୀନ ଥିଲେ।

ମୁଖ୍ୟ ଅତିଥି ସାହୁ ମା' ବାପାଙ୍କ ପରି ନିଜ ସ୍କୁଲ ମଧ୍ୟ ଭଲ ପାଇବାକୁ ସେ ପାରମର୍ଶ ଦେଇଥିଲେ। ସେହିପରି ବୁଧବାର ଉଦ୍‌ଯାପନୀ ଦିବସରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି, ବିଧାୟକ ସାହୁ ମୁଖ୍ୟବକ୍ତା, ବିଶିଷ୍ଟ ବକ୍ତା ଭାବେ ଜଣାଶୁଣା ସମାଜିକ କର୍ମି କସ୍ତୁରୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ବସିରନ ବିବି, ପୁରାତନ ଛାତ୍ରୀ ପ୍ରତିନିଧି ମଣିମାଳା ପାଣିଗ୍ରାହୀ, ପ୍ରଭାସିନୀ ନନ୍ଦ, ମୋ ସ୍କୁଲ ସଭାପତି ଅଳକା ପଟ୍ଟନାୟକ ଅଂଶ ଗ୍ରହଣ କରିଥିଲେ। ବକ୍ତାମାନେ ଛାତ୍ରୀମାନେ ସଶକ୍ତ ହେବା ସହ ସମାଜର ସବୁ ଶ୍ରେଣୀରେ ଆଗୁଆ ହେଲେ ସମାଜର ବିକାଶ ହୋଇପାରିବ ବୋଲି କହିଥିଲେ। ସେହିପରି ମୁଖ୍ୟ ଅତିଥି ଏମ୍‌ପି ଡ. ପାତ୍ର ଘର ସଜାଡ଼ିବାକୁ ହେଲେ ଛାତ୍ରୀମାନେ ଘର, ପରିବାର ଓ ସମାଜରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ କହିଥିଲେ। ସେହିପରି ପାଠ ପଢ଼ା ସହ ନିୟମିତ କ୍ରୀଡ଼ା, ନୃତ୍ୟ ଓ ଯୋଗଭ୍ୟାସ କରିବା ଦ୍ୱାରା ସୁସ୍ଥ ରହିବାକୁ ବିଭିନ୍ନ ଉଦାହରଣ ମାଧ୍ୟମରେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ସହିତ ପଦ୍ମଶ୍ରୀ ପୁରସ୍କାର ପାଇଥିବା ପୁରାତନ ଛାତ୍ରୀ। କର୍ମଚାରୀ ତଥା ବିଭିନ୍ନ ଖବର କାଗଜର ଖବରଦାତାଙ୍କୁ ମୁଖ୍ୟ ଅତିଥି ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ତଥା ପୁରାତନ ଛାତ୍ରୀ ଗୀତାଞ୍ଜଳି ସାହୁ ଉଭୟ ଦିବସରେ ସୁନ୍ଦର ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟନିର୍ବାହୀ ପ୍ରଧାନ ଶିକ୍ଷକ ଡ. ଜଳନ୍ଧର ରଥଙ୍କ ସମେତ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି।



ବିଞ୍ଝାରପୁର ବ୍ଲକ୍‌ର ସୟଦପୁରରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।



ଉଡଙ୍ଗରା



ମାଇଁନ୍ଦା



ସିଂହପୁର

# ମା' ଶ୍ୟାମାକାଳୀଙ୍କ ପୂଜା

ବିଞ୍ଝାରପୁର,୧।୧୧(ରାମକୃଷ୍ଣ ଦାସ)



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତର ବ୍ଲକ ଛକରେ ମା'ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଚଳିତବର୍ଷ ମହାସମାରୋହରେ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହେଇଛି। ମା'ଙ୍କ ବିଲ୍ୱବରଣ, କଳସଯାତ୍ରା, ପ୍ରାଣ ପ୍ରତିଷ୍ଠା ପରେ ଶୁକ୍ରବାର ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, ଆବାହିତ ମଣ୍ଡଳ ଦେବତା ପୂଜା ପରେ ମା'ଙ୍କ ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ହୋମ ଯଜ୍ଞ ଆଦି ଆରମ୍ଭ ହୋଇଛି। ରୁଦ୍ରନାରାୟଣ ମିଶ୍ର ସଙ୍କଳ୍ପ କରିଥିଲାବେଳେ ପୀଠର ମୁଖ୍ୟପୂଜକ ପଣ୍ଡିତ ଶ୍ୟାମସୁନ୍ଦର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁମନ୍ତ ଦାଶଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ଏହିପୂଜା ୫ ଦିନ ବ୍ୟାପୀ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ଆବାହକ ଶ୍ୟାମସୁନ୍ଦର ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ଅତୁଲ ଦାଶ, ସମ୍ପାଦକ ଗଣେଶ ଚନ୍ଦ୍ର ମିଶ୍ର ପରିଚାଳନା କରୁଛନ୍ତି। ସଦସ୍ୟ ବ୍ରଜକିଶୋର ବେହେରା, ଦିଲୀପ ବେହେରା, ଶିବକୁମାର ବେହେରା, ପ୍ରମୋଦ ମିଶ୍ର, ଉତ୍କଳ ଦାଶ, ସୁବାସ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ସେହିପରି ବିଞ୍ଝାରପୁର ଅଞ୍ଚଳର ବିଞ୍ଝାରପୁର, ସୟଦପୁର, ମାଇଁନ୍ଦା, କଣ୍ଟିପୁର, ଉଡଙ୍ଗରା, ବରହମପୁର, ସିଂହପୁର ଆଦି ସ୍ଥାନ ସ୍ଥାନରେ ବହୁ ଆଡମ୍ବରରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ ତୋରଣ ଓ ଏଲ୍‌ଇଡି ଦ୍ୱାରା ସଜାଯାଇଥିବାରୁ ମଣ୍ଡପଗୁଡ଼ିକ ଆଲୋକମାଳାରେ ଝଲସୁଛି। ମା'ଙ୍କ ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହୁଛି।



## କୁଜଙ୍ଗ ଉତ୍ସବମୁଖର

**କୁଜଙ୍ଗ,୧।୧୧(ମନୋଜ ପ୍ରଧାନ):** ମା'କାଳୀଙ୍କ ପୂଜା ଉପଲକ୍ଷେ କୁଜଙ୍ଗର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ବିଶେଷକରି ଗୁରୁବାରଠାରୁ କୁଜଙ୍ଗ ଦୁର୍ଗା ମଣ୍ଡପଠାରେ ଆରମ୍ଭ ହୋଇଥିବା ୫୯ ତମ କାଳୀପୂଜା ନିମନ୍ତେ ବଜାର ରଙ୍ଗିନ ଆଲୋକରେ ଝଲସୁଛି। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକଙ୍କ ଭିଡ଼ ଜମୁଛି। କମିଟି ସଭାପତି ଏ.ଏନ୍.ଡି ଯାଦବ, ସମ୍ପାଦକ ରମେଶ ଚନ୍ଦ୍ର ଦାସ ଓ ମୁଖ୍ୟ ଉପଦେଷ୍ଟା ବାପି ସାର୍ଖେଲ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି। ଏହି ପୂଜା ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଜଗରି ଜୋରହାଟ ଜନକଲ୍ୟାଣ ବଣିକ ସଂଘ ପକ୍ଷରୁ ମା' ଶାମାକାଳୀଙ୍କ ପଥର ମୂର୍ତ୍ତି ପୂଜା ପାଉଛନ୍ତି।



କେନ୍ଦ୍ରାପଡା ମାଢ଼ିଆଳ ବଜାରରେ ଶ୍ୟାମାକାଳୀ।

## ଅଁଳାବାଙ୍କରେ ପ୍ରସିଦ୍ଧ ପୂଜା



ଡେରାବିଶ, ୧।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଅଁଳାବାଙ୍କଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମା' ଶ୍ୟାମାକାଳୀଙ୍କ ପୂଜା ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବହୁ ପ୍ରାଚୀନ ଏହି ପୂଜା ଉତ୍ସବ ପାଇଁ ଅଁଳାବାଙ୍କସ୍ଥିତ କାଶି ବାବାଙ୍କ ମହାକାଳୀ ଆଶ୍ରମ ଉତ୍ସବ ମୁଖର ହୋଇଉଠିଛି। ଏହି ମଣ୍ଡପରେ ଗୁରୁବାର ରାତିରେ ମହାମାୟା ପୂଜା ଓ ବୈଷ୍ଣବୀ ଅନ୍ନପୂର୍ଣ୍ଣା ବେଶ ହୋଇଥିବା ବେଳେ ଶୁକ୍ରବାର ରାତିରେ ଚଣ୍ଡୀପୂଜା ଓ ଜଗଧାତ୍ରୀ ପୂଜା ଏବଂ ଶନିବାର ଜଗଦମ୍ବା ପୂଜା ହେବା ସହ ରାତି ୧୨ଟାରେ ମା'ଙ୍କ ମଣ୍ଡପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବା ନେଇ ଆଶ୍ରମର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଚଳିତବର୍ଷ ୩ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ବେଳେ ବୈଦ୍ୟୁତିକ ଆଲୋକମାଳାର ତୋରଣ ଓ ଅସ୍ଥାୟୀ ଭାବେ ପଡ଼ିଥିବା ଘରକରଣା ସାମଗ୍ରୀ ଓ ଖାଦ୍ୟ ଦୋକାନରେ ମହିଳାଙ୍କ ବିଶେଷ ଭିଡ଼ ଦେଖିବାକୁ ମିଳୁଛି। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଭକ୍ତିମୟ କରିଛି।

# ଜଗରଜୋରହାଟଠାରେ ପଥର ମୂର୍ତ୍ତି ପୂଜା ପାଆନ୍ତି

ମହାକାଳପଡ଼ା,୧।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପବିତ୍ର ଆଲୋକରପର୍ବ ଦୀପାବଳି ଅମାବାସ୍ୟା ପାରମ୍ପରିକ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ବିଳମ୍ବିତ ରାତ୍ରରେ ଜଗତ ଜନନୀ ଶ୍ୟାମାକାଳୀ ପୂଜା ଯଥା ରୀତିନୀତି ବିଧି ଅନୁସାରେ ହୋଇଛି। ସେହିପରି ପ୍ରଭାକରପୁରଠାରେ ୧୦୧ ବର୍ଷ ସାର୍ବଜନୀକ ପୂଜା ପାଉଛନ୍ତି ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମା। ମା' ପୂଜା ମଣ୍ଡପରେ ମହାଦେବଙ୍କ ଛାତି ଉପରେ ପାଦ ରହିଥିବା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମା'ଙ୍କୁ ଦର୍ଶନ ଲାଭ କରି ବହୁ ଶ୍ରଦ୍ଧାଳୁ ମାନସିକ ବ୍ରତଧାରୀମାନଙ୍କ ଗଳାରେ ଫୁଲ ହାର ଅର୍ପଣ କରନ୍ତି। ବିଭିନ୍ନ ପୂଜା ମଣ୍ଡପରେ ରଙ୍ଗୀନ ତୋରଣ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ବିଶେଷ କରି ଜଗରୀଜୋର ହାଟଠାରେ ଜନ କଲ୍ୟାଣ ହାଟ କମିଟି ପକ୍ଷରୁ ୫୮ ତମ ମା' ଶ୍ୟାମାକାଳୀ ସ୍ଥାୟୀ ଭାବେ ପଥର ମୂର୍ତ୍ତି ପୂଜା ପାଆନ୍ତି। ହାଟ ବଜାର କମିଟି ପକ୍ଷରୁ ୭ ଦିନ ଧରି ବିଭିନ୍ନ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ବଣିକ ସଂଘ ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ମଧ୍ୟରେ ଗହୀରମଥା ମହୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ବ୍ଲକର ତନ୍ତିଆପାଳ, ବେଣାକନ୍ଧା, ମିଳନମୋଡ଼, ରାମନଗର, ଖରିନାସି, ଟିକରପଙ୍ଗା ଆଦି ଅଞ୍ଚଳରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି।



ଜମ୍ବୁ–ମାର୍ଶାଘାଇ କେନାଲ ପ୍ରଭାକରପୁରଠାରେ ଶତବାର୍ଷିକ ସାର୍ବଜନୀକ ଶ୍ୟାମା କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ମଣ୍ଡପ ।ରେ ବିଭିନ୍ନ ଦେବଦେବୀ।



ଜାଗର ଜୋର ଜନ କଲ୍ୟାଣ ହାଟ କମିଟି ପକ୍ଷରୁ ମା' ଶ୍ୟାମାକାଳୀ ସ୍ଥାୟୀ ପଥର ମୂର୍ତ୍ତି ପୂଜା ପାଉଛନ୍ତି ଓ ମା'ଙ୍କ ସ୍ଥାୟୀ ମନ୍ଦିର।

## ଅତାମଳାରେ ମା' ଶ୍ୟାମାକାଳୀ ପୂଜା

**ଜଗତସିଂହପୁର, ୧।୧୧
(ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସଦର ମହକୁମା ଅତାମଳାଠାରେ ମା'ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା ଓ ସ୍ଥାପନ ସମେତ ବିବିଧ ମାଙ୍ଗଳିକ କାର୍ଯ୍ୟ ଓ ଚଣ୍ଡୀପାଠ ଆଦି ଆୟୋଜନ କରାଯାଇଥିଲା। ପୂଜକ ଭାବେ ନିରଞ୍ଜନ ମହାପାତ୍ର ଓ କର୍ତ୍ତା ଭାବେ ରଶ୍ମି ରଞ୍ଜନ ମାଣିଆ ଏହି ଦାୟିତ୍ୱ ତୁଲାଇଥିଲେ। ମା'ଶ୍ୟାମାକାଳୀ ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ମାଝି, ପ୍ରମୋଦ କୁମାର ମହାପାତ୍ର, ଭଗବାନ ଭୋଇ, ବିନୋଦ ବେହେରା, ଶୁଭ୍ରଜିତ ମହାନ୍ତି, ମାନସ କୁମାର ମଲ୍ଲିକ, ତାପସ ମଲ୍ଲିକ, ସନ୍ତୋଷ ନାୟକ, ରାକେଶ ପ୍ରଧାନ, ରଞ୍ଜିତ ଦାସ, ରୋହନ ପ୍ରଧାନ ଓ ସୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀକାନ୍ତ



@ ଶୁଭଶ୍ରୀ



@ ପ୍ରଦୀପ



@ ରମେଶ



@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହାସମାରୋହରେ ପାଳନ ହେଉଛି ପୂଜା

ନାଉଗାଁ,୧।୧୧(ସୁଧା ବେହୁରା)



ନାଉଗାଁ ବ୍ଲକରେ ମା'ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ନାଉଗାଁ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ମା'ଶ୍ୟାମାକାଳୀଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମା'ଶ୍ୟାମାକାଳୀ ପୂଜା କମିଟି ଶିଖର, ସାରେଇକୂଳ ଓ ବିଲିପଡାଠାରେ ଏହି ପୂଜା ମହାସମାରୋହରେ ପାଳନ ହେଉଛି। ଏହି ଅବସରରେ କଳସ ଶୋଭାଯାତ୍ରା କରାଯିବାସହ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ପୂଜାମଣ୍ଡପଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଉକ୍ତ ପୂଜା ୩ ଦିନ ଧରି ଚାଲିବା ସହ ପ୍ରତ୍ୟହ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୂଜା ଦେଖିବା ପାଇଁ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ଜମୁଛି।



ଜଗତ୍‌ସିଂହପୁର ସଦର ମହକୁମା ଅତାମଳାଠାରେ ମା'ଶ୍ୟାମାକାଳୀ ପୂଜା ପାଉଛନ୍ତି।


ଖଣ୍ଡପଡ଼ାରେ ଶ୍ୟାମାକାଳୀ ପୂଜା।


ନୟାଗଡ଼ ପୁରୁଣା ସହର ସାଗର ପୋଖରୀ ପାଖରେ କାଳୀପୂଜା।


ଇଟାମାଟି ବଜାର।


ଗୋଡ଼ିପଡ଼ା।


ନୟାଗଡ଼ ସହର ଗୋଲେଇ ଛକ।


ନୟାଗଡ଼ ବ୍ଲକ ଖେଡ଼ପଡ଼ା।


ନୟାଗଡ଼ ନାରାୟଣୀ ପାର୍କ ସମ୍ମୁଖ।


ନୟାଗଡ଼ ବ୍ଲକ ବାରବାଟୀ।


ଭାପୁରରେ କାଳୀପୂଜା।

# କାଳୀପୂଜା ପାଇଁ ଉତ୍ସବମୁଖର ଖଣ୍ଡପଡ଼ା ଅଞ୍ଚଳ

**ଖଣ୍ଡପଡ଼ା,୧।୧୧**
**(ଅଜୟ କୁମାର ମହାରଣା)**

ଦୀପାବଳି ଅବସରରେ ଶୁକ୍ରବାର ଖଣ୍ଡପଡ଼ା ସହର ସମେତ ଆଖପାଖ ଅଞ୍ଚଳର ପୂଜାମଣ୍ଡପରେ ମା' ଶ୍ୟାମାକାଳୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ଖଣ୍ଡପଡ଼ା ରଥଗଡ଼ା ଛକରେ ମା' କାଳୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବେ ଖଣ୍ଡପଡ଼ା ସହରର ୨ଟି ପୂଜା ମଣ୍ଡପ ସହ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଓ କୁମ୍ଭାରପଡ଼ା ଗ୍ରାମରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ସେହିପରି ବିଭିନ୍ନ ଶକ୍ତିପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା ଚାଲିଛି। ମା'ଙ୍କ ପୂଜା ଉତ୍ସବ ଯୋଗ ଶୁକ୍ରବାରଠାରୁ ଖଣ୍ଡପଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ପୂଜା ମଣ୍ଡପଗୁଡ଼ିକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜ୍ଜା ଯାଇଛି। ପୂଜା କମିଟିଗୁଡ଼ିକ ପକ୍ଷରୁ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଆସନ୍ତା ରବିବାର ମା'ଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏହି ଅବସରରେ ବିଭିନ୍ନ ଦେବୀ ପୀଠରେ ହୋମଯଜ୍ଞ, ଚଣ୍ଡୀପାଠ ଓ ଗୁପ୍ତ ପୂଜାନୀତି ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ମା' କାଳୀଙ୍କ ଆରାଧନା ଓ ପୂଜାର୍ଚ୍ଚନା ନିମନ୍ତେ ସମସ୍ତ ଶକ୍ତିପୀଠ ସମେତ ଖଣ୍ଡପଡ଼ା ସହରର ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପାର୍ଶ୍ୱଦେବତା ରୂପେ ବିରାଜିତ ମା' ବେଢ଼ାକାଳୀଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି କଣ୍ଟିଲୋ ଶ୍ମଶାନ ଚଣ୍ଡୀପୀଠ, କୃଷ୍ଣଚନ୍ଦ୍ରପୁରପାଟଣା ଦକ୍ଷିଣ ଚଣ୍ଡୀ ପୀଠ ସମେତ ପଥରଚକଡା ସ୍ଥିତ ମା' ନାରାୟଣୀ ପୀଠରେ ମା'ଶ୍ୟାମାକାଳୀଙ୍କ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ ବିଗତ ୨୦୦୨ ମସିହାଠାରୁ ପ୍ରତିଷ୍ଠିତ କଣ୍ଟିଲୋ ମେଡିକାଲ ନିକଟସ୍ଥ କାଳୀ ମନ୍ଦିରରେ ପାରମ୍ପରିକ ରୀତିରେ ଗୁରୁବାର ରାତ୍ର ସାଢ଼େ ୧୧ଟାରେ ମା'ଙ୍କ ମନ୍ଦିରରେ ଚଣ୍ଡୀପାଠ, ହୋମଯଜ୍ଞ ସହ ମା' କାଳୀଙ୍କ ଉଦ୍ଦେଶ୍ୟରେ ଏକ ହଜାର ଆଠ ଆହୁତି ପ୍ରଦାନ କରାଯାଇଛି। ଏହି ଆନୁଷ୍ଠାନିକ କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ମିଶ୍ର, ନିରଞ୍ଜନ ମିଶ୍ର ଓ ମନ୍ଦିର ପୂଜକ ରାଜେଶ୍ୱର ମିଶ୍ର ପରିଚାଳନା କରିଥିଲେ।


କଣ୍ଟିଲୋ ଲିଙ୍ଗାକୃତି କାଳୀ ମନ୍ଦିରରେ ମା'ଙ୍କ ପୂଜା।

କଣ୍ଟିଲୋ ମେଡିକାଲ ନିକଟସ୍ଥ କାଳୀ ମନ୍ଦିରର ଗଠନ ଶୈଳୀ ଭିନ୍ନ ଧରଣର। କଣ୍ଟିଲୋ ମେଡିକାଲରେ ଜଣେ ଡାକ୍ତର ପ୍ରଣବ ମହାପାତ୍ର ୧୪ ବର୍ଷ କାଳ ରହଣୀ ମଧ୍ୟରେ ଗତ ୨୦୦୨ ମସିହାରେ ଏଠାରେ ଏକ ଭିନ୍ନ ଧରଣର ଶିବ ଲିଙ୍ଗାକୃତି ମନ୍ଦିର ପ୍ରତିଷ୍ଠା କରିଥିଲେ। ମନ୍ଦିର ଭିତରେ ପୂଜା ପାଆନ୍ତି ମା' ଦକ୍ଷିଣକାଳୀ। ସେହିପରି କଣ୍ଟିଲୋ ନୀଳମାଧବ ମନ୍ଦିରରେ ଥିବା ମା' ବେଢ଼ା କାଳୀଙ୍କର ପୂଜା ମଧ୍ୟ ରାତ୍ରରେ ଅନୁଷ୍ଠିତ ହୋଇ ଯାଇଛି। କିମ୍ବଦନ୍ତୀ କୁହେ ମହିଷାସୁର ବଧ ନିମନ୍ତେ ଦେବୀଙ୍କ ତାଣ୍ଡବ ନୃତ୍ୟରେ ଜୀବ ଜଗତ ଭୟଭୀତ ହୋଇ ଶିବଙ୍କୁ ପ୍ରାର୍ଥନା କରିଥିଲେ। ଦେବୀଙ୍କୁ ଶାନ୍ତ କରିବାର ଅନ୍ୟ ଉପାୟ ନ ପାଇ ଶିବ ତାଙ୍କ ସମ୍ମୁଖରେ ଶୋଇ ପଡ଼ି ରାସ୍ତା ଅବରୋଧ କରିଥିଲେ। ଉଦଣ୍ଡ ନୃତ୍ୟ କରି ଦେବୀ ଅଗ୍ରସର ହେବା ସମୟରେ ଦେବୀଙ୍କର ଗୋଟିଏ ପାଦ ଶିବଙ୍କ ଛାତି ଉପରେ ପଡ଼ିବାରୁ ସେ ଚମକି ପଡ଼ିଥିଲେ। ଦେବୀ ରକ୍ତ ରଞ୍ଜିତ ଜିହ୍ୱା କାମୁଡ଼ି ଦେଇ ସେଠାରେ ଅଟକି ଯାଇଥିଲେ। ଉପସ୍ଥିତ ଦେବଗଣ ଦେବୀଙ୍କୁ ସେହି ଅବସ୍ଥାରେ କାଳୀ ରୂପେ ଆରାଧନା କରିଥିଲେ। କାର୍ତ୍ତିକ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପାଳିତ କାଳୀପୂଜା ଦେଖିବା ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମେଡିକାଲ ନିକଟ କାଳୀ ମନ୍ଦିରରେ ସମାଗମ ହୋଇଥିଲେ।

# ଶବର ରାଜା ବିଶ୍ୱାବସୁଙ୍କ ପାଇଁ ଦୀପଦାନ

**ନୟାଗଡ଼,୧।୧୧(ଲୋକନାଥ ମିଶ୍ର)**

ନୟାଗଡ଼ରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଦୀପାବଳି ପାଳିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ପୁରୁଣା ଜଗନ୍ନାଥ ସହରର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ ଦୀପାବଳି ପର୍ବ ପାଳିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ଜିଲାର ବିଭିନ୍ନ ଗାଁରୁ ଲୋକମାନେ ଆସି ବଡ଼ବଡୁଆ ଟେକି ଥିଲେ। ସେହିପରି ଗୋଡ଼ିପଡ଼ା, ଶରଣକୁଳ, ଦର୍ପନାରାୟଣପୁର, ନୟାଗଡ଼ରେ ଅନୁରୂପ ଭାବେ କାଉରିଆ କାଠି ଓ ବଳିତାରେ ବଡ଼ବଡୁଆ ଟେକିଥିଲେ। ସେହିଭଳି ଶବର ରାଜା ବିଶ୍ୱାବସୁଙ୍କ ଭାପୁର ବ୍ଲକ କାଳିଆପଲ୍ଲିସ୍ଥିତ ବିଶ୍ୱାବସୁଙ୍କ ପୂଜାପୀଠ, ଲଳିତା ଦେବୀଙ୍କ ପୀଠ, ବିଷ୍ଣୁବଟ କାଳିଆ ମାଧବଲଳିତା



ଟୁବୁରୀ ଶୀର୍ଷ ଦେଶ, ଲଳିତା ବିଦ୍ୟାପତି କଳାକୁଞ୍ଜ, ଧାଙ୍ଗେଡ଼ା ଦେବୀଙ୍କ ପୀଠରେ ଅନୁରୂପ ଭାବେ ଦିପାବଳି ପାଳିତ ହୋଇଯାଇଛି। ଶବର ରାଜା ବିଶ୍ୱାବସୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଛି।


ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶୁକ୍ରବାର ବଡ଼ବଡୁଆ ଡାକିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶ୍ରୀକାନ୍ତ


@ ଶୁଭଶ୍ରୀ


@ ପ୍ରଦୀପ


@ ରମେଶ


@ ସୁରେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାରମ୍ପରିକ ରୀତିରେ ବଡ଼ବଡୁଆଙ୍କୁ ବିଦାୟ


କାଉଁରିଆ କାଠି ଜଳାଇ ବଡ଼ବଡୁଆଙ୍କୁ ବିଦାୟ ଦିଆଯାଉଛି।

**ଖଣ୍ଡପଡ଼ା,୧।୧୧**
**(ଅଜୟ କୁମାର ମହାରଣା)**

ଦୀପାବଳି ହେଉଛି ଆଲୋକର ପର୍ବ। ଏହାକୁ ଆଜିର ଯୁବ ପିଢି ଆତସବାଜି ଫୁଟାଇବାର ଦିନ ଭାବେ ଗ୍ରହଣ କରୁଥିବା ବେଳେ ପାରମ୍ପରିକ ଭାବେ ଏହି ଦିନ ବଡ ବଡୁଆ(ପିତୃ ପୁରୁଷ)ଙ୍କୁ ଡକାଯାଇଥାଏ। ଏହି ଅବସରରେ ଶୁକ୍ରବାର ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପାରମ୍ପରିକ ରୀତିରେ ଦୀପାବଳି ଉତ୍ସବ ପାଳନ କରାଯାଇଥିବା ବେଳେ ବଡ଼ବଡୁଆଙ୍କୁ ବିଦାୟ ଦିଆଯାଇଥିଲା। ବ୍ରହ୍ମ ପୁରାଣ ଅନୁଯାୟୀ ଆଶ୍ୱିନ ମାସର ପ୍ରଥମ ଦିବସରେ ପିତୃ ପୁରୁଷମାନେ ମର୍ତ୍ତ୍ୟଲୋକରେ ଅବତରଣ କରିଥାନ୍ତି। ତେଣୁ ଆଶ୍ୱିନ କୃଷ୍ଣପକ୍ଷର ୧୫ଦିନକୁ ପିତୃପକ୍ଷ ଭାବେ ପାଳନ କରାଯାଏ। ବିଶ୍ୱାସ ରହିଛି ଯେ, କୁମାର ପୂର୍ଣ୍ଣିମାଠାରୁ ଦୀପାବଳି ଅମାବାସ୍ୟା ପର୍ଯ୍ୟନ୍ତ ପିତୃ ପୁରୁଷମାନେ ପୃଥିବୀ ପୃଷ୍ଠରେ ରହି ସେମାନଙ୍କ ବଂଶଧରଙ୍କ ଅର୍ପିତ ଜଳ ଓ ପିଣ୍ଡ ଗ୍ରହଣ କରି ତୃପ୍ତ ହୁଅନ୍ତି। ସେମାନେ ବଂଶଧରଙ୍କ ସୁଖ ସମୃଦ୍ଧି ବୃଦ୍ଧି ନିମନ୍ତେ ଆର୍ଶୀବାଦ କରିଥାନ୍ତି। ଆଶ୍ୱିନ ମାସରେ ମର୍ତ୍ତ୍ୟଲୋକରେ ପଦାର୍ପଣ କରିଥିବା ପିତୃ ପୁରୁଷଗଣ କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପୁନଶ୍ଚ ପିତୃଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସେହି ବଡ଼ବଡୁଆଙ୍କ ବିଦାୟ ସମ୍ବର୍ଦ୍ଧନା ଜଣାଇ ଗୃହସ୍ଥମାନେ ନିଜ ଗୃହରେ ପୟା ଶ୍ରାଦ୍ଧର ଆୟୋଜନ କରିଥାନ୍ତି। ପିତୃପୁରୁଷଙ୍କୁ ଦୀପଦାନ କରି କାଉଁରିଆ କାଠି ଜଳାଇ ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି ସମ୍ବୋଧନ କରିଥାନ୍ତି। ଅପରପକ୍ଷରେ ଏହି ଉତ୍ସବ ପାଳନ ଦ୍ୱାରା ଅନେକ କୀଟ ପତଙ୍ଗ, ଜୀବାଣୁ ବିନାଶ ହେବା ସହ ଧାନ ଫସଲରେ ଲାଗିଥିବା ପୋକ ମଧ୍ୟ ମରିଥାନ୍ତି ବୋଲି ବିଶ୍ୱାସ ରହିଛି।

